ବର୍ଷ-୨୫, ସଂଖ୍ୟା-୧୩୭
ଭୁବନେଶ୍ୱର
୨୦, ମଇ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 137
Bhubaneswar
20,May, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ପୋଲାଭରମ ବିବାଦ

# ୪ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୯।୫(ମହାଭାରତ): ପୋଲାଭରମ ପ୍ରକଳ୍ପର ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆସନ୍ତା ୨୮ରେ ପୋଲାଭରମ ପ୍ରକଳ୍ପକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ବୈଠକରେ ପ୍ରଧାନମନ୍ତ୍ରୀ ୪ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ବୈଠକରେ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଓଡ଼ିଶା ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଉପସ୍ଥିତ



ରହିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକକୁ ରାଜନୈତିକ ମହଲରେ ସ୍ୱାଗତ କରାଯାଇଛି।

ଓଡ଼ିଶା, ଛତିଶଗଡ଼ ଏବଂ ତେଲଙ୍ଗାନା ଦ୍ୱାରା ଦାଖଲ କରାଯାଇଥିବା ଆବେଦନଗୁଡ଼ିକ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ୪ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ସିଧାସଳଖ ଆଲୋଚନା କରିବେ। ଓଡ଼ିଶା ବୈଠକରେ କ'ଣ ପକ୍ଷ ରଖିବ ସେ ନେଇ ରାଜ୍ୟ ସରକାର ନିଜକୁ ପ୍ରସ୍ତୁତ କରିଛନ୍ତି। ଦୁଇ ଦିନ ପୂର୍ବରୁ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜାତୀୟ ଗଣମାଧ୍ୟମର ଏ ଚର୍ଚ୍ଚା ଭିତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ନେଇ ଖବର ନାହିଁ। ଅଫିସରସ୍ତରରେ ହୋଇପାରେ ଆଲୋଚନା।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଆଲୋଚନା ହେଲେ ସବୁପ୍ରକାର ଯୁକ୍ତି ଉପସ୍ଥାପନ କରିବ ଓଡ଼ିଶା। ଶେଷ ପର୍ଯ୍ୟାୟରେ ପ୍ରକଳ୍ପ ପହଞ୍ଚିଥିବା ବେଳେ ଓଡ଼ିଶା କିଭଳି ନ୍ୟାୟ ପାଇବ ବୋଲି ପ୍ରଶ୍ନ ଉଠାଇଛନ୍ତି ବିରୋଧୀ।

କଂଗ୍ରେସ ବିଧାୟକ ତଥା ଉପସଭାପତି ତାରା ବାହିନୀପତି ତାରା କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ବୈଠକକୁ ଆମେ ସ୍ୱାଗତ କରୁଛୁ, କିନ୍ତୁ ଏହି ବୈଠକ ପ୍ରହସନ କି ଡ୍ରାମା ନ ହେଉ। ଏହି ପୋଜେକ୍ଟରେ କୋରାପୁଟ ଅଞ୍ଚଳର ବହୁତ ଆଦିବାସୀଙ୍କ ଜମି ଏବଂ ଘର ନଷ୍ଟ ହେବାକୁ ଯାଉଛି। ଆମେ ଦାବି କରୁଛୁ ତୁରନ୍ତ ଆଲୋଚନା କରି ଅବିଭକ୍ତ କୋରାପୁଟ ଜିଲ୍ଲାକୁ ରକ୍ଷା କରାଯାଉ। ଏ ବାବଦରେ ସରକାର ତୁରନ୍ତ ନିଷ୍ପତ୍ତି ନିଅନ୍ତୁ, ନହେଲେ କଂଗ୍ରେସ ଆଗାମୀ ଦିନରେ ତୀବ୍ର ବିରୋଧ କରିବ। ପୋଲାଭରମକୁ ପ୍ରଥମେ ଜାତୀୟ ପ୍ରକଳ୍ପ ମାନ୍ୟତା ଓ ପରେ ସ୍ୱତନ୍ତ୍ର ଅନୁଦାନ ଦେଲେ କେନ୍ଦ୍ର ସରକାର। କୋର୍ଟରେ ମାମଲା ସତ୍ତ୍ୱେ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ପୋଲାଭରମ ପ୍ରକଳ୍ପ ପାଇଁ ଓଡ଼ିଶା ଦୀର୍ଘବର୍ଷ ହେବ ଲଢୁଛି ନ୍ୟାୟର ଲଢେଇ। ଏହି ପ୍ରକଳ୍ପ ଦ୍ୱାରା ହଜାର ହଜାର ଲୋକ କ୍ଷତିଗ୍ରସ୍ତ ହେବେ। ଘର ଠାରୁ ଚାଷ ଜମି ସବୁ ବୁଡ଼ିବ। ଦୀର୍ଘବର୍ଷର ଏହି ସମସ୍ୟାର ସମାଧାନ ପାଇଁ ପ୍ରଥମ ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ବାବଦରେ ଆଲୋଚନା କରିପାରନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି।

# ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୫(ମହାଭାରତ): 'ଲୋକଙ୍କ ମୁଖ୍ୟମନ୍ତ୍ରୀ'ଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ୧୧ତମ ପାଳି। ଲୋକଙ୍କ ସରକାର ଲୋକଙ୍କ ସହିତ ଅଛନ୍ତି। ତାଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି। ଆଜି ଭୁବନେଶ୍ୱର ୟୁନିଟ-୨ ଠାରେ ନୂଆ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି।




ସୋମବାର ଦିନ ୧ ହଜାର ଅଭିଯୋଗକାରୀ ଅନଲାଇନ ମାଧ୍ୟମରେ ନାମ ପଞ୍ଜିକୃତ କରିଥିଲେ। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ୬ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ମନ୍ତ୍ରୀ ଓ ସଚିବମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟି, ଆପତି ଅଭିଯୋଗ ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରୁଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥା ଉପସ୍ଥିତ ଥିବା ଲୋକମାନଙ୍କୁ ଗଭୀର ଭାବେ ପ୍ରଭାବିତ କରୁଥିଲା ଏବଂ ସୁଶାସନର ଅନୁଭୂତି ସେମାନଙ୍କ ଆଖିରେ ଝଲସି ଉଠୁଥିଲା। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ସକାଳେ ଆସି ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ।

ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ପାଇଁ ନୟାଗଡର ସନ୍ତୋଷ ବିଶ୍ୱାଳଙ୍କୁ ୫୦ ହଜାର ଟଙ୍କା, ଯାଜପୁରର ବିଷ୍ଣୁଚରଣ ସାହୁଙ୍କୁ ୧ ଲକ୍ଷ ଟଙ୍କା, ଭଦ୍ରକର ଲକ୍ଷ୍ମୀଧର ସେଠୀଙ୍କୁ ୧ ଲକ୍ଷ ଟଙ୍କା, କଟକର ସାତ୍ତ୍ୱିକ କରଙ୍କୁ ୧ ଲକ୍ଷ ଟଙ୍କା, କେନ୍ଦୁଝରର ନବୀନ କୁମାର ସେଠୀଙ୍କୁ ୨ ଲକ୍ଷ ଟଙ୍କା, ମୟୁରଭଞ୍ଜର ସୁନିତା ଚୌଧୁରୀଙ୍କୁ ୧ ଲକ୍ଷ ଟଙ୍କା, କଟକର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ୫୦ ହଜାର ଟଙ୍କା, ବୌଦ୍ଧର ନିଳକଣ୍ଠ ପ୍ରଧାନ ଓ ଯଦୁମଣୀ କର୍ମୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ, ଗଞ୍ଜାମର ଛାୟା ନାୟକଙ୍କୁ ୧ ଲକ୍ଷ ଟଙ୍କା, ଭଦ୍ରକର ବୁଦ୍ଧିଆ ମଣ୍ଡଳଙ୍କୁ ୧ ଲକ୍ଷ ଟଙ୍କା, ନବରଙ୍ଗପୁରର କମଳା ନାୟକଙ୍କୁ ୧ ଲକ୍ଷ ଟଙ୍କା, ଖୋର୍ଦ୍ଧାର କୈଳାସ ପଲେଇଙ୍କୁ ୧ ଲକ୍ଷ ଟଙ୍କା ଏବଂ କଟକର ସୁରେଶ କୁମାର ଜେନାଙ୍କୁ ଅନୁକମ୍ପାମୂଳକ ସହାୟତା ବାବଦକୁ ୫୦ ହଜାର ଟଙ୍କା, ଏହିପରି ୧୪ ଜଣଙ୍କୁ ସମୁଦାୟ ୧୩ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ।

ଗଣମାଧ୍ୟମକୁ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଉପରେ ଲୋକଙ୍କ ଆସ୍ଥା ବଢ଼ିଛି। ସେମାନେ ବିଭିନ୍ନ ସମସ୍ୟା ନେଇ ଆମ ପାଖକୁ ଆସୁଛନ୍ତି। ଲୋକଙ୍କୁ ନିରନ୍ତର ନ୍ୟାୟ ପ୍ରଦାନ କରିବା ପାଇଁ ଆମେ ଏହି କାର୍ଯ୍ୟକ୍ରମ ଜାରି ରଖିଛୁ। ଆମ ସରକାର ନିରନ୍ତର ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି, ଏବଂ ତାହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହା ମାଧ୍ୟମରେ ଗରିବ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଉଛି। ଆଗାମୀ ଦିନରେ ଆଞ୍ଚଳିକ ସ୍ତରରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅଭିଯୋଗ

## ଗତ ଦଶଟି ପାଳିର ଅଭିଯୋଗ ମଧ୍ୟରୁ ୮୫%ର ସମାଧାନ

ଶୁଣାଣି କାର୍ଯ୍ୟକ୍ରମର ଦଶମ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୨୩୪ଟି ଅଭିଯୋଗ ମଧ୍ୟରୁ ୮,୭୧୩ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୮୫ ପ୍ରତିଶତ ଅଟେ । ବକେୟା ଅଭିଯୋଗ ଗୁଡ଼ିକ ପ୍ରୋସେସରେ ରହିଛି ।ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚାଳନା କରିଥିଲେ ।

# ଆକ୍ରମଣ ପୂର୍ବରୁ ପହଲଗାମ ଯାଇଥିଲେ ଜ୍ୟୋତି

ନୂଆଦିଲ୍ଲୀ,୧୯।୫: ପହଲଗାଉଁ ଆକ୍ରମଣ ପରେ ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଦୂତାବାସରେ କେକ୍ କଟାଯାଇଥିଲା। ଏହାକୁ ନେଇ ସେତେବେଳେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଦୂତାବାସକୁ କେକ୍ ନେଇ ଯାଉଥିବା ବ୍ୟକ୍ତିଙ୍କୁ ଜନସାଧାରଣ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଘେରିଯାଇ ନାନା ପ୍ରଶ୍ନ କରିଥିଲେ। ତେବେ ସେହି ବ୍ୟକ୍ତି ଜଣଙ୍କ ଗିରଫ ହୋଇଥିବା ପାକ୍ ଗୁପ୍ତଚର ଜ୍ୟୋତି ମାଲହୋତ୍ରାଙ୍କ ଘନିଷ୍ଠ ବୋଲି ଜଣାପଡ଼ିଛି। ଉକ୍ତ ବ୍ୟକ୍ତିଙ୍କ ସହିତ ଜ୍ୟୋତିଙ୍କ ସମ୍ପର୍କ ରହିଛି। ଉଭୟଙ୍କର ଏକ ଫଟୋ ସାମ୍ନାକୁ ଆସିବା ପରେ ତାହା ସ୍ପଷ୍ଟ ହୋଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ଜ୍ୟୋତି ପହଲଗାଉଁ ଆକ୍ରମଣ ପୂର୍ବରୁ ସେଠାକୁ ଗସ୍ତ କରିଥିଲେ। ଏହା ପରେ ପରେ ସେ ପାକିସ୍ତାନ ଯାଇଥିଲେ ।ପରେ ସେଠାରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜ୍ୟୋତିଙ୍କ ପହଲଗାଉଁ ଏବଂ ପାକିସ୍ତାନ ଗସ୍ତର କ'ଣ ଲିଙ୍କ୍ ରହିଛି ତାହାର ଖୋଳତାଡ଼ କରୁଛନ୍ତି ତଦନ୍ତ ଅଧିକାରୀ।

ହରିୟାଣାର ହିସାର ଜିଲା ଏସପି ଶଶାଙ୍କ କୁମାର ସାୱନ କହିଛନ୍ତି, ଆଧୁନିକ ଯୁଦ୍ଧ କେବଳ ସୀମାନ୍ତରେ ଲଢ଼ାଯାଏନ। ପାକିସ୍ତାନୀ ଗୁଇନ୍ଦା ଅଧିକାରୀମାନେ ସୋସିଆଲ ମିଡିଆ। ଇନଫ୍ଲୁଏନ୍ସରମାନଙ୍କୁ ନିଯୁକ୍ତ କରୁଛନ୍ତି। ଗିରଫ ହୋଇଥିବା ଜ୍ୟୋତିଙ୍କୁ ସେମାନେ ନିଜ ସମ୍ବଳ ରୂପେ ବ୍ୟବହାର କରୁଥିଲେ। ସେ ବି ପାକ୍ ଗୁଇନ୍ଦା ଅଧିକାରୀଙ୍କ ସହିତ ଯୋଗାଯୋଗରେ ରହିଥିଲେ।

ପହଲଗାମ୍ ଆତଙ୍କୀ ହମଲା ନେଇ ଯେତେବେଳେ ସାରା ବିଶ୍ୱ ଆତଙ୍କବାଦୀଙ୍କୁ ଏ ଘୃଣ୍ୟ କାମକୁ ନିନ୍ଦା କରୁଥିଲା ଅଡେ ପାକିସ୍ତାନ ବିରୋଧରେ ସ୍ୱର ତେଜୁଥିଲା ଠିକ୍ ସେତେବେଳେ ଭାରତରେ ରହି ଜଣେ ଭାରତୀୟ ହୋଇ ପହଲଗାମ୍ ହମଲାରେ ଆତଙ୍କୀଙ୍କୁ ନୁହେଁ ବରଂ ନିରୀହ ପର୍ଯ୍ୟଟକଙ୍କୁ ଦୋଷ ଦେଇଥିଲେ ଏ ଦେଶଦ୍ରୋହୀ। ହମଲାରେ ଆତଙ୍କବାଦ ବିରୋଧରେ ନକହି ବରଂ ପର୍ଯ୍ୟଟକଙ୍କ ମୁଣ୍ଡକୁ ଦୋଷ ଠେଲିଥିଲେ ପାକିସ୍ତାନର ଏ ଗୁପ୍ତଚର ଜ୍ୟୋତି ମଲହୋତ୍ରା। ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରି ଗିରଫ ହେବା ପରେ ଏବେ ସାମ୍ନାକୁ ଆସିଛି ପହଲଗାମ୍ ଆକ୍ରମଣ ପରେ ଜ୍ୟୋତି ଦେଇଥିବା ବୟାନ ।ତେବେ ପାକିସ୍ତାନୀ ଗୁପ୍ତଚର ଜ୍ୟୋତି ମଲହୋତ୍ରାଙ୍କ କହିବା ଅନୁସାରେ... ଯେକୌଣସି ସ୍ଥାନକୁ ଗଲାବେଳେ ପର୍ଯ୍ୟଟକଙ୍କୁ ସବୁଦିଗକୁ ଧ୍ୟାନ ଦେବା ଉଚିତ ବୋଲି ଜ୍ୟୋତି କହି ପର୍ଯ୍ୟଟକଙ୍କୁ



ପୂରା ଦାୟୀ କରିଛନ୍ତି। ଆଉ ସୁରକ୍ଷାରେ ତ୍ରୁଟି ନେଇ ପୋଲିସ, ସେନା ଓ ସରକାରଙ୍କୁ ଦାୟୀ କରିଛନ୍ତି । ମୁଁ ଜାଣିଛି କାଶ୍ମୀରରେ ଛକ ଛକରେ ସୁରକ୍ଷା କଡାକଡି ଥାଏ, ସବୁଠି ପୋଲିସ ଓ ଯବାନ ଥାନ୍ତି। ଯଦି ଏତେ ସୁରକ୍ଷା ଭିତରେ ଏଭଳି ହେଉଛି ତାହାଲେ ଏଥିପାଇଁ ଆମେ ଦାୟୀ ବୋଲି କହିଥିଲେ ଜ୍ୟୋତି। ଯଦି କେହି ଆତଙ୍କବାଦୀଙ୍କୁ ସହଯୋଗ କରିଥିବ ତାହାଲେ ଆମେ ଭାରତୀୟ ନୁହେଁ ବୋଲି ଜ୍ୟୋତି କହିଥିବା ବେଳେ ସେ ହିଁ ପାକିସ୍ତାନର ଗୁପ୍ତଚର ବୋଲି ପ୍ରମାଣିତ ହୋଇ ଗିରଫ ହୋଇଛନ୍ତି। ଆଉ ସେ ଦେଶଦ୍ରୋହୀ ଭଳି କାମ କରି ଶତ୍ରୁ ଦେଶକୁ ସମସ୍ତ ତଥ୍ୟ ଦେଇଛନ୍ତି।

## ଖୁନ୍ଦି ହେଲେଣି ବାଂଲାଦେଶୀ

ଭୁବନେଶ୍ୱର,୧୯।୫(ମହାଭାରତ): ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ ତଟବର୍ତ୍ତୀ ଜିଲ୍ଲାରେ ଛତୁ ଫୁଟିଲା ପରି ଖୁନ୍ଦି ହୋଇଗଲେଣି ବାଂଲାଦେଶୀ। ଜିଲ୍ଲା କଥା ଛାଡ଼ନ୍ତୁ, ଜାଲ୍ କାଗଜ ଧରି ରାଜଧାନୀର ଛାତି ଉପରେ ବି ବାଂଲାଦେଶୀ ରାଜ୍ କଲେଣି । କେତେବେଳେ ମାନବ ଚାଲାଣ ମାମଲାରେ ମାଳମାଳ ଯୁବତୀ ବନ୍ଧା ହେଉଛନ୍ତି ତ, ପୁଣି କେତେବେଳେ ଦେଶର ସୁରକ୍ଷା ଚିନ୍ତା। ରାଜ୍ୟ ଓ ଦେଶର ସୁରକ୍ଷାକୁ ନଜରରେ ରଖି ନୋଡାଲ୍ ଏଜେନ୍ସି ଭାବେ ଦାୟିତ୍ୱ ନେଇଛି ସ୍ପେଶାଲ୍ ଟାସ୍କ ଫୋର୍ସ। ଅବାଧରେ ପ୍ରବେଶ, ବିନା ଭିସାରେ ରହଣି ଓ ଜାଲ୍ ପ୍ରମାଣପତ୍ର ପ୍ରସ୍ତୁତ କରି ବେଆଇନ୍ କାର୍ଯ୍ୟକଳାପରେ ଲିପ୍ତଥିବା ବାଂଲାଦେଶୀଙ୍କ ଉପରେ ଏବେ କଡ଼ା ନଜର। ସେଥିପାଇଁ ସମସ୍ତ ଜିଲ୍ଲା ପୁଲିସର ସହ ଯୋଗାଯୋଗରେ ରହି ବେଆଇନ୍ ବାଂଲାଦେଶୀଙ୍କ ତାଲିକା ପ୍ରସ୍ତୁତି ଚାଲିଛି ।ଏପରିକି ବାଂଲାଦେଶୀଙ୍କୁ ରାଜ୍ୟରୁ ତଡ଼ିବାକୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମାନ କଥା ଦୋହରାଇଛନ୍ତି। ଜିଲ୍ଲା ପୁଲିସଠାରୁ ତଟ ସୁରକ୍ଷା ବାହିନୀ ଯାଏଁ ସଜାଗ ଅଛନ୍ତି। କୌଣସି ଅଣ ନାଗରିକ ଆଉ ବେଆଇନ୍ ଭାବେ ଓଡ଼ିଶାରେ ରହିପାରିବେନାହିଁ। ବାଂଲାଦେଶୀ ହଟାଇବା ପ୍ରକ୍ରିୟାକୁ ଜୋରଦାର କରାଯାଉଥିବା ସେ କହିଛନ୍ତି। ଗତ ମାର୍ଚ୍ଚ ମାସରେ ୧୦ ବାଂଲାଦେଶୀ ଅନୁପ୍ରବେଶକାରୀ ଗିରଫ ହୋଇଥିଲେ ।ଏବେ ବି ମାଳମାଳ ବାଂଲାଦେଶୀ ସୀମା ଡେଇଁ ଓଡ଼ିଶାରେ ପଶୁଛନ୍ତି ।ସେମାନଙ୍କ ଲାଗି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାରୁ ଦିନକୁ ଦିନ ପୁଲିସର ମୁଣ୍ଡବିନ୍ଧା ବଢୁଛି।

# ଆସୁଛି ଦୁଇ ଦୁଇଟି ଲଘୁଚାପ

ଭୁବନେଶ୍ୱର,୧୯।୫(ମହାଭାରତ): ମେ'ଶେଷ ସପ୍ତାହରେ ବଙ୍ଗୋପସାଗର ଏବଂ ଆରବସାଗରରେ ଲଘୁଚାପ ସମ୍ଭାବନା ରହିଛି। ୨୧ ମେ' ବେଳକୁ ଆରବସାଗରର କର୍ଣ୍ଣାଟକ ଉପକୂଳରେ ଘୂର୍ଣ୍ଣିବଳୟ ସମ୍ଭାବନା ଥିବା ବେଳେ ୨୨ ମେ' ବେଳକୁ ଏହା ଲଘୁଚାପର ରୂପ ନେବ। ଏହି ଲଘୁଚାପ ଅଧିକ ଘନୀଭୂତ ହେଇ ଉତ୍ତରକୁ ଗତି କରିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ୨୭ ମେ' ବେଳକୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ତଥା ଏହାର ସଂଲଗ୍ନ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହେଇ ଲଘୁଚାପର ରୂପ ନେଇପାରେ। ପ୍ରଶାସନ ପକ୍ଷରୁ ଉପକୂଳବର୍ତ୍ତୀ ବାସିନ୍ଦାଙ୍କୁ ପାଣିପାଗ ରିପୋର୍ଟ ସହିତ ଅପଡେଟ୍ ରହିବାକୁ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରାଯାଇଛି। ପରିସ୍ଥିତି ଖରାପ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

ସେହିପରି ରାଜ୍ୟରେ ଆସନ୍ତା ୪ ଦିନ ଯାଏଁ କାଳବୈଶାଖୀ ପ୍ରଭାବରେ ବର୍ଷା ସମ୍ଭାବନା ରହିଛି। ୨୩ ତାରିଖ ଯାଏଁ ରାଜ୍ୟର ଅନେକ ସ୍ଥାନରେ ଘଡଘଡି ସହ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୋମବାର ପାଇଁ ୧୫ ଜିଲା ସୁନ୍ଦରଗଡ, ଝାରସୁଗୁଡା,



## ୪ ଦିନ କାଳବୈଶାଖୀ ଝଡ଼

କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, ଗଜପତି, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ବଲାଙ୍ଗୀର ଓ ନୂଆପଡାକୁ ବର୍ଷା, ବଜ୍ରପାତ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ୨୦ ତାରିଖ ପାଇଁ ୯ ଜିଲା ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଞ୍ଜ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଜପତି ଓ ଗଞ୍ଜାମରେ ଘଡଘଡି ସହ ବର୍ଷା ହୋଇପାରେ। ୨୧ରେ ୧୬ ଜିଲାରେ ଓ ୨୨,୨୩ ତାରିଖରେ ଉତ୍ତର ଓ ଦକ୍ଷିଣ ଓଡିଶାର ଅନେକ ସ୍ଥାନରେ ବର୍ଷା ସମ୍ଭାବନା ରହିଛି ।

## କାର-ବାଇକ ମୁହାଁମୁହିଁ ଧକ୍କାରେ ଦୁଇ ମୃତ

**ଭବାନୀପାଟଣା, ୧୯।୫ :** ଜୁନାଗଡ଼ ଥାନା ଅନ୍ତର୍ଗତ ଟିଟୈଗୁଡା ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବୁଲେଟ ଏବଂ କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇଜଣ ବୁଲେଟ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ଭବାନୀପାଟଣା ବାଳିକା ହାଇସ୍କୁଲ ଛକର ରାଜେନ୍ଦ୍ର ପଟ୍ଟନାୟକଙ୍କ ପୁଅ ସାହିଲ ପଟ୍ଟନାୟକ(୨୪) ଏବଂ ତାଙ୍କ ସାଙ୍ଗ ରୋହନ ଭୋଇ ବୋଲି ଜଣା ପଡ଼ିଛି।

# ସଂସଦୀୟ କମିଟି ସହ ବୈଠକ କଲେ ବୈଦେଶିକ ସଚିବ

**ନୂଆଦିଲ୍ଲୀ,୧୯।୫:** ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଆଜି ଏକ ସଂସଦୀୟ କମିଟିକୁ କହିଛନ୍ତି ଯେ ଭାରତ-ପାକିସ୍ତାନ ଯୁଦ୍ଧବିରତି ସ୍ଥାପନରେ ଆମେରିକାର କୌଣସି ଭୂମିକା ନଥିଲା। ସେ ଦୃଢ଼ତାର ସହ କହିଛନ୍ତି ଯେ ସାମରିକ କାର୍ଯ୍ୟକଳାପ ବନ୍ଦ କରିବାର ନିଷ୍ପତ୍ତି ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସ୍ତରରେ ନିଆଯାଇଥିଲା।

ମିଶ୍ରୀଙ୍କର ଏହି ମନ୍ତବ୍ୟ କେତେକ ବିରୋଧୀ ସଦସ୍ୟଙ୍କ ପ୍ରଶ୍ନ ପରେ ଆସିଛି, ଯେଉଁମାନେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ବାରମ୍ବାର ଦାବିକୁ ନେଇ ପ୍ରଶ୍ନ ଉଠାଇଥିଲେ ଯେ ତାଙ୍କ ପ୍ରଶାସନ ସଂଘର୍ଷ ବନ୍ଦ କରିବାରେ ଭୂମିକା ନିଭାଇଛି।



ଟ୍ରମ୍ପ ଅତି କମରେ ସାତ ଥର ସାର୍ବଜନୀନ ଭାବେ ଦାବି କରିଛନ୍ତି ଯେ ସେ ଯୁଦ୍ଧବିରତିରେ ସହାୟତା କରିଛନ୍ତି। ଭାରତ କାହିଁକି ନୀରବ ରହିଲା ? ପ୍ୟାନେଲର ଜଣେ ସଦସ୍ୟ ପଚାରିଥିଲେ ଅନ୍ୟ ଜଣେ ସ୍ପଷ୍ଟ ଭାବେ ପ୍ରଶ୍ନ କରିଥିଲେ ଯେ କାହିଁକି ଭାରତ ଟ୍ରମ୍ପଙ୍କୁ ବାରମ୍ବାର ବିବରଣୀ ହାତେଇ ନେବାକୁ ଅନୁମତି ଦେଲା, ବିଶେଷକରି ଯେତେବେଳେ ସେ ବାରମ୍ବାର ତାଙ୍କ ବୟାନରେ କାଶ୍ମୀରର ଉଲ୍ଲେଖ କରୁଥିଲେ।

ସୂତ୍ର ଅନୁଯାୟୀ, ବୈଦେଶିକ ସଚିବ ଏହି ଦାବିଗୁଡ଼ିକୁ ଖଣ୍ଡନ କରି କହିଛନ୍ତି ଯେ ଭାରତ-ପାକିସ୍ତାନ ଯୁଦ୍ଧବିରତି ଏକ ଦ୍ୱିପାକ୍ଷିକ ନିଷ୍ପତ୍ତି ଥିଲା ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଜଡ଼ିତ ନଥିଲା। ଯୁଦ୍ଧବିରତି ଚୁକ୍ତିରେ ଆମେରିକାର ବିଲକୁଲ କୌଣସି ଭୂମିକା ନଥିଲା, ମିଶ୍ରୀ ପ୍ୟାନେଲକୁ କହିଥିଲେ। ଡୋନାଲ୍ଡ ଟ୍ରମ୍ପ ମଞ୍ଚରେ ଆସିବା ପାଇଁ ଆମ ଅନୁମତି ନେଇ ନଥିଲେ। ସେ ମଞ୍ଚରେ ଆସିବାକୁ ଚାହୁଁଥିଲେ, ତେଣୁ ସେ ଆସିଲେ, ସେ ଆହୁରି ଯୋଡ଼ିଥିଲେ ପାକିସ୍ତାନ ପକ୍ଷରୁ କୌଣସି ପରମାଣୁ ସଙ୍କେତ ନାହିଁ। ଏହାଛଡ଼ା, ବୈଦେଶିକ ସଚିବ ମଧ୍ୟ ପୁନର୍ବାର କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷ ପାରମ୍ପରିକ ଯୁଦ୍ଧର ସୀମା ମଧ୍ୟରେ ରହିଥିଲା, ଏବଂ ଇସଲାମାବାଦ ପକ୍ଷରୁ କୌଣସି ପରମାଣୁ ଅବସ୍ଥାନ କିମ୍ବା ସଙ୍କେତର କୌଣସି ପ୍ରମାଣ ମିଳିନଥିଲା ।ଦୁଇ ଦେଶର ସାମରିକ କାର୍ଯ୍ୟକଳାପ ନିର୍ଦ୍ଦେଶକ ମେ ୧୦ ତାରିଖରେ ସମସ୍ତ ସାମରିକ କାର୍ଯ୍ୟକଳାପ ବନ୍ଦ କରିବା ଉପରେ ଏକ ବୁଝାମଣାରେ ପହଞ୍ଚିଥିଲେ।

ଯେତେବେଳେ ବିରୋଧୀ ସଦସ୍ୟମାନେ ପାକିସ୍ତାନ ଦ୍ୱାରା ଚୀନ ମୂଳରୁ ସାମରିକ ସାମଗ୍ରୀ ବ୍ୟବହାର ନେଇ ଚିନ୍ତା ପ୍ରକାଶ କରିଥିଲେ, ବିକ୍ରମ ମିଶ୍ରୀ କହିଥିଲେ, ସେମାନେ କଣ ବ୍ୟବହାର କରିଥିଲେ। ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ; ଗୁରୁତ୍ୱପୂର୍ଣ୍ଣ ହେଉଛି ଆମେ ସେମାନଙ୍କ ବାୟୁସେନା ଘାଟିଗୁଡ଼ିକୁ ଜୋରଦାର ଆଘାତ କରିଥିଲୁ।

ଶତ୍ରୁତା ସମୟରେ ଭାରତୀୟ ବିମାନ କ୍ଷୟ ସଂଖ୍ୟା ବିଷୟରେ ପଚାରିବାରୁ, ବୈଦେଶିକ ସଚିବ ଜାତୀୟ ସୁରକ୍ଷା ଚିନ୍ତା ଦର୍ଶାଇ ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ।

ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ଏକ ବୟାନ ଉପରେ ପ୍ରଶ୍ନ ଉଠିବାରୁ, ମିଶ୍ରୀ ସଦସ୍ୟମାନଙ୍କୁ ମନ୍ତ୍ରୀଙ୍କ ଶବ୍ଦକୁ ଭୁଲ ବୁଝିବା ନେଇ ସତର୍କ କରିଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ଜୟଶଙ୍କର କହିଥିଲେ ଯେ ଅପରେସନ ସିନ୍ଦୁରର ପ୍ରଥମ ପର୍ଯ୍ୟାୟ ପରେ ନୂଆଦିଲ୍ଲୀ ଇସଲାମାବାଦକୁ ସୂଚନା ଦେଇଥିଲା ଯେ କେବଳ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଲକ୍ଷ୍ୟଗୁଡ଼ିକୁ ଆଘାତ କରାଯାଇଛି।

କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂସଦର ବୈଦେଶିକ ବ୍ୟାପାର ସ୍ଥାୟୀ କମିଟିର ବୈଠକରେ ତୃଣମୂଳର ଅଭିଷେକ ବାନାର୍ଜୀ, କଂଗ୍ରେସର ରାଜୀବ ଶୁକ୍ଳା ଏବଂ ଦୀପେନ୍ଦର ହୁଡା, ମୁଖ୍ୟ ଆସାଦୁଦ୍ଦିନ ଓସେୀ, ଏବଂ ଭାଜପା ଏମପି ଅପରାଜିତା ଷଡ଼ଙ୍ଗୀ ଏବଂ ଅରୁଣ ଗୋଭିଲ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ। ଏହି ବୈଠକ ଅପରେସନ ସିନ୍ଦୁର, ଯାହା ପହଲଗାମ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଭାରତର ସାମରିକ ଜବାବ ଥିଲା, ଏବଂ ଦୁଇ ପରମାଣୁ ଅସ୍ତ୍ରଧାରୀ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପରେ ଅନୁଷ୍ଠିତ ହୋଇଥିଲା।

# ପାକିସ୍ତାନ ଲିଙ୍କ୍ : ପ୍ରିୟଙ୍କା ଗିରଫ

**ଭୁବନେଶ୍ୱର,୧୯।୫(ମହାଭାରତ):** ପାକିସ୍ତାନୀ ଗୁପ୍ତଚର ଜ୍ୟୋତି ମାଲହୋତ୍ରା ସହ ଓଡ଼ିଶା ଲିଙ୍କକୁ ନେଇ ଖୋଳତାଡ଼ ଆରମ୍ଭ କରି ଦେଇଛି ଏନ୍ଆଇଏ। ତଥ୍ୟ ପ୍ରମାଣ ଏକାଠି କରିବା ପରେ ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କୁ ଗିରଫ କରାଯାଇଛି। ତେବେ ମିଳିଥିବା ସୂଚନା ଅନୁଯାୟୀ, ପ୍ରିୟଙ୍କାଙ୍କୁ ଗତକାଲି ରାତିରେ ପୋଲିସ ଉଠାଇ ନେଇଛି। ଏକ ଅଜଣାସ୍ଥାନରେ ରଖି ସେହିଠାରୁ ଭିସି ଯୋଗେ ହିସାର ପୋଲିସ ପଚରାଉଚରା କରୁଛି। ଆଜି ତାଙ୍କ ଘରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଆଜି ଦିନ ତମାମ ପ୍ରିୟଙ୍କାଙ୍କୁ ଥାରାଥନ ଜେରା କରିଛି ପୋଲିସ।

ବିଶେଷ କରି ଜ୍ୟୋତି-ପ୍ରିୟଙ୍କା ସମେତ ଓଡ଼ିଶା ଲିଙ୍କ୍ର ଭିତିରିଆ ଘଣ୍ଟାଚକଟା ଆରମ୍ଭ ହୋଇଥିଲାବେଳେ, ଏମ୍ଏଚ୍ଏ ନିର୍ଦ୍ଦେଶକୁ ଅପେକ୍ଷା ରହିଛି। ୟୁଟ୍ୟୁବର ଜ୍ୟୋତି ମଲହୋତ୍ରା ଓ ପୁରୀର ପ୍ରିୟଙ୍କା ସେନାପତିଙ୍କୁ ନେଇ ଦେଶ ଉଠୁଛି ପଡୁଛି। ପାକିସ୍ତାନ ଲିଙ୍କରେ ବନ୍ଧା ହୋଇଥିବା ଜ୍ୟୋତିଙ୍କ ବୟାନ ଆଧାରରେ ଆରମ୍ଭ ହୋଇଛି ଝାଳବୁହା



ଜେରା। ଓଡ଼ିଶା ଲିଙ୍କରେ ପୁରୀ ପୁଲିସ ହାତରେ ଥିବା ସବୁ ତଥ୍ୟ ଏବେ ଏନ୍ଆଇଏକୁ ଯାଇଛି। ଜ୍ୟୋତି ପୁରୀରେ ପହଞ୍ଚିବା ପରେ କୁଆଡ଼େ ଯାଇଥିଲେ ? କେଉଁଠି ରହିଥିଲେ ? କାହା କାହା ସହ ମିଶିଥିଲେ ? ଶ୍ରୀମନ୍ଦିରକୁ କେତେଥର ଯାଇଥିଲେ ? ପୁରୀରୁ ଥାଇ କାହା କାହା ସହ ଯୋଗାଯୋଗରେ ଥିଲେ ? ପୁରୀ ପରେ ଅନ୍ୟ କେଉଁ ଜିଲ୍ଲାକୁ ଯାଇଥିଲେ କି ? କେବଳ ସେତିକି ନୁହେଁ, ପ୍ରିୟଙ୍କାଙ୍କ ସହ ସମ୍ପର୍କକୁ ନେଇ ଭିତିରିଆ ଖୋଳତାଡ଼ ଆରମ୍ଭ କରିସାରିଛି ଏନ୍ଆଇଏ।

ପାକିସ୍ତାନୀ ସ୍ପାଏ ଜ୍ୟୋତି ମଲହୋତ୍ରା ପୁରୀ ବୁଲିଯିବା ସାଧାରଣ ଲୋକଙ୍କୁ ସାମାନ୍ୟ ଲାଗୁଥାଇପାରେ। ହେଲେ ଏନ୍ଆଇଏ ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଛି ।ଜ୍ୟୋତିଙ୍କ ସମ୍ପର୍କରେ ଥିବା ପ୍ରତିଟି ସନ୍ଦିଗ୍ଧଙ୍କ ବିରୋଧରେ ତଥ୍ୟ ପ୍ରମାଣ ଏକାଠି କରିବା ଓ ସେମାନଙ୍କ ଚେହେରା ସାମ୍ନାକୁ ଆଣିବା ଏନ୍ଆଇଏ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ।

ସେଥିପାଇଁ ଭୁବନେଶ୍ୱରରେ ଖୋଲିଛି ନୂଆ। ଏନ୍ଆଇଏ ଥାନା। ଏସ୍ପି ରାଙ୍କର ଅଧିକାରୀ ଥାନା ଦାୟିତ୍ୱରେ ଅଛନ୍ତି। ଆତଙ୍କୀ ହମ୍ଲା, ମାଓବାଦୀ କାର୍ଯ୍ୟକଳାପ, ଜାଲିନୋଟ୍ କାରବାର, ମାନବ ଚାଲାଣ, ବିମାନ ଅପହରଣ, ସମୁଦ୍ର ଭିତରେ ଯୁଦ୍ଧ କନ୍ଦଳ, ସାଇବର ଅପରାଧ ଭଳି ଆନ୍ତର୍ଜାତିକ ଅପରାଧର ତଦନ୍ତ କରିବ ଏହି ଥାନା। ସେପଟେ ଆଇନମନ୍ତ୍ରୀ କହିଛନ୍ତି, ଦେଶ ଓ ରାଜ୍ୟ ପ୍ରତି ବିପଦ ଥିବା ବିଷୟଗୁଡ଼ିକ ତଦନ୍ତ ପରିସରଭୁକ୍ତ କରିବାରେ ସହାୟକ ପାଇଁ ଏହି ଥାନା ଖୋଲାଯାଇଛି।



# ଜୀବନଚର୍ଯ୍ୟା





## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋିଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ । ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ । ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି। ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ। ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି । ଏହାକୁ ଆପଣ ଗରମ ଗରମ ଖାଇପାରିବେ ।



## ଖବର

# ସଶକ୍ତିକରଣକୁ ନେଇ ପରଦାକୁ ଆସିବ: ବାଘୁଣୀ - ଡ୍ୟାନ୍ସ ଲାଇକ୍ ଏ ଟାଇଗର



ଭାରତର କାହାଣୀ କହିବାର ପରମ୍ପରାକୁ ଆହୁରି ପାଦେ ଆଗକୁ ନେବା ଉଦ୍ଦେଶ୍ୟରେ ନିର୍ମିତ ହେବ ଭିନ୍ନ ସ୍ୱାଦର ଓଡ଼ିଆ ଫିଚର ଫିଲ୍ମ ବାଘୁଣୀ। ଚଳଚ୍ଚିତ୍ରର ନାଁ ରହିଛି 'ବାଘୁଣୀ - ଡ୍ୟାନ୍ସ ଲାଇକ ଏ ଟାଇଗର'। ଓଡ଼ିଆ ଆଞ୍ଚଳିକ ସିନେମା ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତରେ, ଓଡ଼ିଆ ଚଳଚ୍ଚିତ୍ର 'ବାଘୁଣୀ' (ଡ୍ୟାନ୍ସ ଲାଇକ୍ ଏ ଟାଇଗର)ର ପ୍ରଥମ ଝଲକ ଫ୍ରାନ୍ସର କାନ୍ସ ଫିଲ୍ମ ଫେଷ୍ଟିଭାଲର ୭୮ତମ ସଂସ୍କରଣରେ ଉନ୍ମୋଚିତ ହୋଇଛି । ଏହି ଐତିହାସିକ ଉନ୍ମୋଚନ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ମାଇଲଖୁଣ୍ଟ ସ୍ଥାପନ କରିଛି, କାରଣ 'ବାଘୁଣୀ' ଓଡ଼ିଶାର ପ୍ରଥମ ଆନ୍ତର୍ଜାତୀୟ ସହ-ଉତ୍ପାଦନ ଭାବରେ ଏହି ସମ୍ମାନଜନକ ବିଶ୍ୱ ମଞ୍ଚରେ ଘୋଷିତ ହୋଇଛି ।ସାମାଜିକ ବାସ୍ତବତା ଓ ସାଂସ୍କୃତିକ ଐତିହ୍ୟ ବହନ କରୁଥିବା ଏହି ଚଳଚ୍ଚିତ୍ରର ବିଷୟବସ୍ତୁ ୪ଟି ଭାରତୀୟ ଭାଷା ଓଡ଼ିଆ, ସମ୍ବଲପୁରୀ, କୋଶଳୀ ଓ ହିନ୍ଦୀରେ ବୀରମାନ କରାଯିବ। ଭାରତର ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ, ଲଣ୍ଡନର ଗ୍ଲୋବାଲ ଫିଲ୍ମସ ଓ ସିନେମା ଫର ଗୁଡ ପ୍ରାଇଭେଟ ଲିମିଟେଡ ମିଳିତ ଭାବେ ଏହି ଚଳଚିତ୍ର ନିର୍ମାଣ ପାଇଁ ସହମତି ଜଣାଇଛନ୍ତି । ଚଳଚ୍ଚିତ୍ରରେ ମୁଖ୍ୟ ଅଭିନେତା ଭାବେ ଓଲିଉଡ଼ ଇଣ୍ଡଷ୍ଟ୍ରିର ଆଗ ଧାଡ଼ିର ଅଭିନେତା ସବ୍ୟସାଚୀ ମିଶ୍ର ଅଭିନୟ କରିବାକୁ ଥିବା ବେଳେ ନିର୍ଦ୍ଦେଶନା ଦେବେ ଜିତେନ୍ଦ୍ର ମିଶ୍ର । ଆୟୋଜିତ କାନ୍ସ ଚଳଚ୍ଚିତ୍ର ମହୋତ୍ସବରେ ଆନ୍ତର୍ଜାତୀୟ ପ୍ଲାଟଫର୍ମରେ ଓଡ଼ିଆ ଚଳଚ୍ଚିତ୍ରକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରୁଥିବା ପ୍ରଯୋଜକ ପାର୍ଥ ପଣ୍ଡା ଏବଂ ଜିତେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ ।ଚଳଚ୍ଚିତ୍ରର କାହାଣୀ ପଶ୍ଚିମ ଓଡ଼ିଶାର ଏକ ଆଦିବାସୀ ଗ୍ରାମର ଯୁବତୀ ମାୟାଙ୍କୁ ନେଇ କେନ୍ଦ୍ରିତ । ମାୟା ନୃତ୍ୟ ପାଇଁ ନିଜର ଜନ୍ମଗତ ପ୍ରତିଭାକୁ ଆବିଷ୍କାର କରେ ଯେଉଁଠି ପାରମ୍ପରିକ ଭାବରେ ତାଙ୍କ ସମ୍ପ୍ରଦାୟରେ ପୁରୁଷମାନଙ୍କ ପାଇଁ ସଂରକ୍ଷିତ । ସାମାଜିକ ବାଧାବିଘ୍ନରୁ ମୁକ୍ତ ହେବାକୁ ଦୃଢ଼ ସଂକଳ୍ପବଦ୍ଧ ହୋଇ ମାୟା ନିଜର ଆଗ୍ରହକୁ ପୂରଣ କରିବା ପାଇଁ ଏକ ଯାତ୍ରା ଆରମ୍ଭ କରେ, ଯେଉଁଥିରେ ସେ ଅନେକ ପ୍ରକାରର ଆହ୍ୱାନର ସାମ୍ନା କରେ । ତାଙ୍କର ଏହି ପଥ ଓଡ଼ିଶାର ଘଞ୍ଚ ଜଙ୍ଗଲରୁ ଲଣ୍ଡନର ଜନଗହଳିପୂର୍ଣ୍ଣ ରାସ୍ତା ଆଡ଼କୁ ତାଙ୍କୁ ଆଗେଇ ନିଏ, ଯେଉଁଠାରେ ମାୟା ନିଜର ପରିଚୟର ନୂଆ ରୂପ ଆବିଷ୍କାର କରେ ଓ ପୁରାତନ ନିୟମର ଆହ୍ୱାନକୁ ସାମ୍ନା କରି ଆଗକୁ ବଢ଼ିଥିଲେ ।

ଚଳଚ୍ଚିତ୍ରରେ ନୃତ୍ୟ ପାଇଁ ଆଗ୍ରହୀ ଜଣେ ଉତ୍ସାହୀ ଆଦିବାସୀ ମହିଳା ଭାବରେ ମାୟା ଚରିତ୍ର ଓ ମାୟାଙ୍କର ପରାମର୍ଶଦାତା ଚରିତ୍ରରେ ପ୍ରଖ୍ୟାତ ନୃତ୍ୟ ଗୁରୁ ରାଘବ ଏବଂ ମାୟାର ପିଲାଦିନର ସାଙ୍ଗ ଅଞ୍ଜଳି ଭଳି ଚରିତ୍ର ଅଛନ୍ତି ।ଏହି ଚଳଚ୍ଚିତ୍ରଟି ଓଡ଼ିଶାର ଗ୍ରାମ୍ୟ ପୃଷ୍ଠଭୂମି ସହ ଲଣ୍ଡନର ସହରୀ ପୃଷ୍ଠଭୂମିକୁ ଯୋଡ଼ିବ ଏବଂ ପରମ୍ପରା ଓ ଆଧୁନିକତା ମଧ୍ୟରେ ଥିବା ମାନସିକତାକୁ ଦର୍ଶାଇବ । ମାୟାର ବିବର୍ତ୍ତନକୁ ପ୍ରତିଫଳିତ କରିବା ପାଇଁ ନୃତ୍ୟ କ୍ରମଗୁଡ଼ିକୁ ଶାସ୍ତ୍ରୀୟ ଓଡ଼ିଆ ନୃତ୍ୟ ସହିତ ସାମ୍ପ୍ରତିକ ଶୈଳୀର ମିଶ୍ରଣରେ କୋରିଓଗ୍ରାଫି କରାଯିବ। ଅନ୍ୟପକ୍ଷରେ ସାଉଣ୍ଡଟ୍ରାକରେ ମାୟାର ଯାତ୍ରାକୁ ପ୍ରତିଫଳିତ କରିବା ପାଇଁ ମର୍ଦ୍ଦଳ ଏବଂ ମହୁରୀ ପରି ପାରମ୍ପରିକ ଓଡ଼ିଆ ବାଦ୍ୟଯନ୍ତ୍ର ଓ ଆଧୁନିକ ବାଦ୍ୟର ସମିଶ୍ରଣ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି ।ଓଡ଼ିଶା ଏବଂ ଲଣ୍ଡନର ମନୋରମ ସ୍ଥାନଗୁଡ଼ିକରେ ଚଳିତ ବର୍ଷ ସେପ୍ଟେମ୍ବର ଏବଂ ଅକ୍ଟୋବର ମାସରେ ଏହି ଚଳଚିତ୍ରର ସୁଟିଂ କରାଯିବ।

## ମହର୍ଷି ଅଙ୍ଗିରା

ମନ୍ତ୍ରଦ୍ରଷ୍ଟା, ବ୍ରହ୍ମଜ୍ଞାନୀ, ପରମତେଜସ୍ୱୀ ମହର୍ଷି ଅଙ୍ଗିରା ଥିଲେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ମାନସପୁତ୍ର । ଥରେ ସେ କଠୋର ତପସ୍ୟା ଆରମ୍ଭ କଲେ । ଅନେକ ଦିନ ଧରି ତପସ୍ୟା ଜାରି ରଖିବାରୁ ତାଙ୍କର ତପୋବଳର ତେଜ ତିନିପୁରକୁ ବ୍ୟାପିଗଲା । ଦେବତାମାନେ ଚିନ୍ତିତ ହୋଇପଡ଼ିଲେ । ମାତ୍ର କିଛି କରିବାର ବାଟ ନଥିଲା। ମହର୍ଷି ଅଙ୍ଗିରାଙ୍କ ତପସ୍ୟାର ତେଜ ଦିନକୁ ଦିନ ବଢ଼ିଚାଲିଲା । ତାଙ୍କର ତେଜ ସମ୍ମୁଖରେ ଅଗ୍ନିଦେବଙ୍କ ତେଜ ମଧ ଫିକା ପଡ଼ିଗଲା । ସେ ସମୟରେ ଅଗ୍ନିଦେବ ଜଳ ମଧ୍ୟରେ ରହି ଧ୍ୟାନମଗ୍ନ ଥିଲେ । ମହର୍ଷି ଅଙ୍ଗିରାଙ୍କ ତେଜବୃଦ୍ଧି କଥା ସେ ଜାଣିପାରିଲେ । ଏହାପରେ ସେ ମହର୍ଷିଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ହାତଯୋଡ଼ି କହିଲେ, ହେ ମହର୍ଷି ! ଆପଣଙ୍କ ତପୋବଳର ତେଜ ଏବଂ ପ୍ରଭାବ ମୋର ତେଜ ଠାରୁ ଅଧିକ ହୋଇଯାଇଛି । ଏବେ ମୁଁ ମୋର ପରିଚୟ ହରାଇବାକୁ ବସିଛି । ଆପଣଙ୍କୁ ଏବେ ଜଗତବାସୀ ଅଗ୍ନି ବୋଲି କହିବେ। ଆପଣଙ୍କ ପରେ ମୋତେ ଦ୍ୱିତୀୟ ଅଗ୍ନି କହିବେ । ଆପଣଙ୍କ ସମ୍ମୁଖରେ ମୋର



ପ୍ରତିଷ୍ଠା ତୁଚ୍ଛ ହୋଇଯାଇଛି । ଅଗ୍ନିଦେବଙ୍କ କଥା ଶୁଣିବା ପରେ ମହର୍ଷି ଅଙ୍ଗିରା ତାଙ୍କୁ ଯଥାମାନ୍ୟ ଜଣାଇଲେ । ଏହାପରେ ସେ ଅଗ୍ନିଦେବଙ୍କୁ ସମସ୍ତ ଦେବତାଙ୍କ ପାଇଁ ଯଜ୍ଞର ହବି ଗ୍ରହଣ ଅଧିକାର ପ୍ରଦାନ କଲେ । ସେଦିନ ଠାରୁ ଯେତେବେଳେ ବି ଯଜ୍ଞ ଅଗ୍ନିରେ କୌଣସି ପବିତ୍ର ବସ୍ତୁ ଅର୍ପଣ କରାଯାଏ, ଅଗ୍ନିଦେବ ତାହାକୁ ଗ୍ରହଣ କରି ସମସ୍ତ ଦେବାଦେବୀଙ୍କ ନିକଟରେ ପହଞ୍ଚାଇଥାନ୍ତି । ଏଥିସହିତ ଅଗ୍ନିଦେବଙ୍କୁ ମହର୍ଷି ଅଙ୍ଗିରା ପୁତ୍ର ରୂପେ ଗ୍ରହଣ କରିଥିଲେ । ମହର୍ଷି ଅଙ୍ଗିରା ପରମଜ୍ଞାନୀ ଥିଲେ । ସେ 'ଅଙ୍ଗିରାସ୍ମୃତି' ରଚନା କରିଯାଇଛନ୍ତି । ଯେଉଁଥିରେ ଧର୍ମାଚରଣ ନିମନ୍ତେ ବେଶ ଉପାଦେୟ ଶିକ୍ଷା ପୂରି ରହିଛି ।

# ଶିବଙ୍କ ଅଷ୍ଟରୂପ

ଶିବ ସ୍ୱୟଂ ପ୍ରକୃତିର ସ୍ୱରୂପ । ସେଥିପାଇଁ ଶିବଙ୍କ ଆଠ ପ୍ରକାର ସ୍ୱରୂପ ଶର୍ବ, ଭବ, ରୁଦ୍ର, ଉଗ୍ର, ଭୀମ, ପଶୁପତି, ଈଶାନ ଏବଂ ମହାଦେବ ମୂର୍ତ୍ତି ରହିଛି । ଏହି ମୂର୍ତ୍ତି ଭୂମି, ଜଳ, ଅଗ୍ନି, ବାୟୁ, କ୍ଷେତ୍ରଜ୍ଞ, ସୂର୍ଯ୍ୟ ଏବଂ ଚନ୍ଦ୍ରମାକୁ ନିୟନ୍ତ୍ରିତ କରିଥାନ୍ତି । -ଶର୍ବ ସ୍ୱରୂପରେ ଶିବ ସମଗ୍ର ଜଗତକୁ ଧାରଣ କରୁଥିବା ପୃଥ୍ୱୀମୟୀ ମୂର୍ତ୍ତିର ସ୍ୱାମୀ । ସେଥିପାଇଁ ଶିବଙ୍କ ଶାର୍ବୀ ପ୍ରତିମାଙ୍କୁ ମଧ୍ୟ ପୂଜା କରାଯାଇଥାଏ । ଶିବଙ୍କ ଆକାଶରୂପୀ ମୂର୍ତ୍ତି ହେଉଛି ଭୀମ । ଏହା ଦୁଷ୍ଟ ଏବଂ ତମସ ଗୁଣ ନାଶ କରି ଜଗତରେ ଶାନ୍ତି ବିରାଜମାନ କରିଥାଏ । ବାୟୁ ରୂପରେ ଶିବ ଜଗତକୁ ଗତି ପ୍ରଦାନ କରିଥାନ୍ତି ଏବଂ



ଲାଳନପାଳନ ମଧ କରିଥାନ୍ତି । ସେଥିପାଇଁ ସେ ଉଗ୍ର ସ୍ୱରୂପ ଧାରଣ କରିଛନ୍ତି । ଶିବଙ୍କ ଏହି ମୂର୍ତ୍ତି ଔଗ୍ର ନାମରେ ମଧ ପ୍ରସିଦ୍ଧ । ଶିବଙ୍କ ଜଳଯୁକ୍ତ ମୂର୍ତ୍ତି ଜଗତକୁ ପ୍ରାଣଶକ୍ତି ଏବଂ ଜୀବନ ପ୍ରଦାନ କରିଥାଏ । ସେଥିପାଇଁ ସେ ଭବ । ରୁଦ୍ର ହେଉଛି ଶିବଙ୍କ ସବୁଠୁ ଓଜସ୍ୱୀ ମୂର୍ତ୍ତି । ଏହା ସାରା ଜଗତର ଭିତରେ ଏବଂ ବାହାରେ ଥିବା ସମସ୍ତ ଶକ୍ତିର ଗତିବିଧି ମଧ୍ୟରେ ସ୍ଥିତ । ପଶୁପତି ହେଉଛନ୍ତି ସମସ୍ତ ଆତ୍ମାର ନିୟନ୍ତ୍ରକ । ସେ ପଶୁ ଅର୍ଥାତ୍ ଦୁର୍ଜ୍ଜନ ପ୍ରବୃତ୍ତିକୁ ନାଶ କରିଥାନ୍ତି । ସୂର୍ଯ୍ୟ ରୂପରେ ଆକାଶରେ ଚଳତ୍‌ମାନ ଥିବା ମହାଦେବଙ୍କ ଦିବ୍ୟ ମୂର୍ତ୍ତିକୁ ଈଶାନ କୁହାଯାଏ । ଚନ୍ଦ୍ର ରୂପକୁ ଶିବଙ୍କ ସାକ୍ଷାତ୍ ମୂର୍ତ୍ତି ବୋଲି ବିବେଚନା କରାଯାଇଥାଏ । ଚନ୍ଦ୍ର କିରଣ ଅମୃତ ସମାନ । ଚନ୍ଦ୍ର ରୂପରେ ଶିବଙ୍କ ଏହି ମୂର୍ତ୍ତି ମହାଦେବ ନାମରେ ପ୍ରସିଦ୍ଧ । ଏହି ମୂର୍ତ୍ତିର ସ୍ୱରୂପ ଅନ୍ୟ ମୂର୍ତ୍ତି ଠାରୁ ବ୍ୟାପକ ।

# କର୍ମ ବଡ଼ କି ଭାଗ୍ୟ ?



ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ କର୍ମ ଉପରେ ବିଶ୍ୱାସ କରିଥାନ୍ତି । ସେମାନଙ୍କ ବିଶ୍ୱାସ, ଭାଗ୍ୟ ବୋଲି କିଛି ନାହିଁ । କିନ୍ତୁ ଭାଗ୍ୟବାଦୀ ଲୋକମାନେ କୁହନ୍ତି, ଭାଗ୍ୟରେ ଯାହା ଲେଖା ହୋଇଛି, ତାହା ନିଶ୍ଚିତ ଭାବେ ମିଳିବ । ଅର୍ଥାତ୍ କର୍ମ ଏବଂ ଭାଗ୍ୟ ଏ ଦୁଇଟି ବିନ୍ଦୁ ଉପରେ ମନୁଷ୍ୟ ସର୍ବଦା ଭ୍ରମଣ କରିଥାଏ । ଦିନେ ତା'କୁ ଏ ଜଗତରୁ ବିଦାୟ ନେବାକୁ ହୋଇଥାଏ । ଭାଗ୍ୟ ଏବଂ କର୍ମକୁ ଭଲ ଭାବେ ଜାଣିବା ଲାଗି ପୁରାଣରେ ଅନେକ କାହାଣୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଥରେ ଦେବର୍ଷି ନାରଦ ବୈକୁଣ୍ଠ ଧାମରେ ପହଞ୍ଚିଲେ । ସେଠାରେ ଭଗବାନ ବିଷ୍ଣୁଙ୍କୁ ପ୍ରଣାମ କଲେ । ଶ୍ରୀହରିଙ୍କୁ ଦେବର୍ଷି ନାରଦ କହିଲେ, ପ୍ରଭୁ! ପୃଥିବୀରେ ଆପଣଙ୍କ ପ୍ରଭାବ କମ୍ ହେବାରେ ଲାଗିଛି । ଧର୍ମ ପଥରେ ଚାଲୁଥିବା ଲୋକମାନଙ୍କୁ ଭଲ ଫଳ ମିଳୁନାହିଁ । ହେଲେ ପାପ କରୁଥିବା ଲୋକମାନଙ୍କର ଭଲ ହେଉଛି । ଏହା ଶୁଣି ଶ୍ରୀହରି କହିଲେ, ଏହା ସତ୍ୟ ନୁହେଁ ଦେବର୍ଷି । ଯାହା ଘଟୁଛି ସେସବୁ ଭାଗ୍ୟ ବଳରୁ ସମ୍ଭବ ହେଉଛି । ନାରଦ କହିଲେ, ମୁଁ ଏବେ ଦେଖିକି ଆସିଲି । ପୃଥିବୀରେ ପାପୀ ଲୋକମାନଙ୍କୁ ଭଲ ଫଳ ମିଳୁଛି । କିନ୍ତୁ ଭଲ କାମ କରୁଥିବା ଲୋକ ଧର୍ମର ରାସ୍ତାରେ ଚାଲୁଥିବା ଲୋକଙ୍କୁ ଖରାପ ଫଳ ପ୍ରାପ୍ତ ହେଉଛି । ଭଗବାନ କହିଲେ, ତୁମେ ସେମିତି କିଛି ଘଟଣା ସମ୍ପର୍କରେ ମୋତେ କହିପାରିବ କି? ନାରଦ କହିଲେ, ମୁଁ ଏବେ ଏକ ଜଙ୍ଗଲ ଦେଇ ଆସିଲି । ସେଠାରେ ଗୋଟିଏ ଗାଈ ପଙ୍କରେ ଫସିଥିଲା । ତା'କୁ ରକ୍ଷା କରିବା ଲାଗି କେହି ନଥିଲେ । ଏହି ସମୟରେ ଏକ ଚୋର ସେହି ରାସ୍ତା ଦେଇ ଗଲା । ଗାଈକୁ ପଙ୍କରେ ଫସିଥିବା ଦେଖି ସେ ଅଟକିଲା ନାହିଁ । ଓଲଟି ଗାଈ ଉପରେ ପାଦ ରଖି ପଙ୍କରୁ ଉଦ୍ଧାର ପାଇ ଚାଲିଗଲା। ଆଗକୁ ଯିବା ପରେ ଚୋର ସୁନା ମୋହର ଭର୍ତ୍ତି ଏକ ଥଳୀ ପାଇଲା।

କିଛି ସମୟ ପରେ ଜଣେ ବୃଦ୍ଧ ସାଧୁ ସେହି ରାସ୍ତା ଦେଇ ଗଲେ । ସେ ପଙ୍କରେ ଫସିଥିବା ଗାଈକୁ ଉଦ୍ଧାର କରିବା ଲାଗି ସମ୍ପୂର୍ଣ୍ଣ ଉଦ୍ୟମ କଲେ । ଶରୀରର ସମସ୍ତ ବଳ ଖଟାଇ ଗାଈକୁ ବଞ୍ଚାଇଦେଲେ। ହେଲେ ଗାଈକୁ ଉଦ୍ଧାର କରି କିଛି ବାଟ ଯିବା ପରେ ସେ ଏକ ଗାତରେ ଖସିପଡ଼ିଲେ । ପ୍ରଭୁ! କୁହନ୍ତୁ ଏହା କିପରି ନ୍ୟାୟ ? ନାରଦ ପଚାରିଲେ । ତାଙ୍କ କଥା ଶୁଣି ପ୍ରଭୁ କହିଲେ, ତୁମେ ଯାହା ଭାବୁଛ ତାହା ଭୁଲ କଥା । ଯେଉଁ ଚୋର ଗାଈକୁ ଛାଡ଼ି ଦେଇ ଚାଲିଯାଇଥିଲା, ତା' ଭାଗ୍ୟରେ ସ୍ୱର୍ଣ୍ଣ ମୁଦ୍ରା ଲେଖାଥିଲା । ହେଲେ ଏହି କର୍ମ ଯୋଗୁ ସେ ଯେଉଁ ପାପ ଅର୍ଜନ କଲା ତା'ଦ୍ୱାରା ସେ ମାତ୍ର କିଛି ସ୍ୱର୍ଣ୍ଣ ମୁଦ୍ରା ପାଇଲା । ଅନ୍ୟପକ୍ଷରେ ସାଧୁ ଜଣକ ଗାଈକୁ ଉଦ୍ଧାର କରି ଖାତରେ ପଡ଼ିବାର ଅର୍ଥ ହେଉଛି, ତାଙ୍କ ଭାଗ୍ୟରେ ମୃତ୍ୟୁ ଲେଖାଥିଲା । ହେଲେ ଗାଈକୁ ବଞ୍ଚାଇଥିବା କାରଣରୁ ତାଙ୍କର ପୁଣ୍ୟବଳ ବୃଦ୍ଧି ପାଇଲା । ସେ ସହଜ ମୃତ୍ୟୁବରଣ କଲେ ଏବଂ ସାଂସାରିକ ଚକ୍ରରୁ ମୁକ୍ତି ପାଇବାରେ ସକ୍ଷମ ହେଲେ । ନିଜ ଜୀବନକୁ ଈଶ୍ୱରଙ୍କ ପ୍ରତି ସମର୍ପି ଦେଇଥିବା ସାଧୁ ଜଣକ ବୋଧହୁଏ ଏହା ହିଁ ଚାହୁଁଥିଲେ । ତେଣୁ ମନୁଷ୍ୟ କର୍ମ ବେଳେ ବେଳେ ତା'ର ଭାଗ୍ୟ ବଦଳାଇ ଦେଇଥାଏ ।

ନାରଦ ଏଥର ବୁଝିପାରିଲେ, ମନୁଷ୍ୟ ନିରନ୍ତର କର୍ମ କରିବା ଆବଶ୍ୟକ, କାରଣ କର୍ମ ଭାଗ୍ୟ ବଦଳାଇବାରେ ସହାୟକ ହୁଏ ।

# ରୁଦ୍ରାଭିଷେକ କଲେ ସୁଖଶାନ୍ତି ମିଳିଥାଏ

ଲୋକମାନେ ଦେବତାଙ୍କୁ ଫଳ, ଫୁଲ ନୈବେଦ୍ୟ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଯାହାର ସୁଫଳ ମିଳିଥାଏ ବୋଲି ଅନେକ ମତବ୍ୟକ୍ତ କରିଥାନ୍ତି । ଯଦି ଶିବଲିଙ୍ଗକୁ



ରୁଦ୍ରାଭିଷେକ କରାଯାଏ ଏବଂ ତାର ଫଳ ସୁନିଶ୍ଚିତ ମିଳିଥାଏ ବୋଲି ଅନେକ ଜ୍ୟୋତିଷବିଦ୍ ପ୍ରକାଶ କରିଛନ୍ତି । ଆସନ୍ତୁ ଜାଣିବା ଭଗବାନ ମହାଦେବଙ୍କୁ କଣ ଅଭିଷେକ କଲେ କ'ଣମିଳିଥାଏ । ଯଦି କେହି ବ୍ୟକ୍ତି ସୁନାରେ ତିଆରି ଶିବଲିଙ୍ଗକୁ ଅଭିଷେକ କରେ ସେ ସର୍ବସିଦ୍ଧି ପ୍ରାପ୍ତ କରିଥାଏ। ସେହିଭଳି ରୂପାରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ପିତଳରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୁଖ ଶାନ୍ତି ମିଳିଥାଏ । ପାରଦରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସମସ୍ତ ସୌଭାଗ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ । କର୍ପୂରରେ ତିଆରି ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସବୁ ପ୍ରକାର ମଙ୍ଗଳ ହୋଇଥାଏ । ଲୁହାରେ ନିର୍ମିତ ଶିବ ଲିଙ୍ଗକୁ ଜଳାଭିଷେକ କଲେ ବ୍ୟକ୍ତି ଶତ୍ରୁକୁ ପରାସ୍ତ କରିବା ସହ ନିଜେ ବିଜୟୀ ହୋଇଥାଏ । ଚନ୍ଦନରେ ନିର୍ମିତ ଶିବଲିଙ୍ଗକୁ ଧନଲାଭ କରିପାରିବ । ଫୁଲରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଭୂ-ସମ୍ପତ୍ତିର ଅଧିକାରୀ ହୋଇପାରିବେ । ମିଶ୍ରି ବା ଚିନିରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଅଭୀଷ୍ଟ ପୂରଣ ହୁଏ । ବାଉଁଶରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସନ୍ତାନ ପ୍ରାପ୍ତ କରିପାରିବେ । ଦୁବରେ ତିଆରି ଶିବ ଲିଙ୍ଗକୁ ରୁଦ୍ରାଭିଷେକ କଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ ।

# ସ୍କୁଲ ଶିକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୯।୫ (ମହାଭାରତ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି ଯେଉଁଥିରେ ରାଜ୍ୟରେ ସ୍କୁଲ ଶିକ୍ଷାର ବିଭିନ୍ନ ପଦକ୍ଷେପ ଉପରେ ବିସ୍ତାର ଭାବେ ଆଲୋଚନା କରାଯାଇଛି। ବୈଠକରେ ସ୍କୁଲ ଭିତ୍ତିଭୂମିର ଉନ୍ନତ, ପାଠ୍ୟପୁସ୍ତକ ବିକାଶ, ଶିକ୍ଷକ ପ୍ରଶିକ୍ଷଣ ଓ ଜାତୀୟ ଶିକ୍ଷା ନୀତି ୨୦୨୦ର କ୍ରିୟାନ୍ୱୟନ ପରି ବିଷୟ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। କେନ୍ଦ୍ରୀ ମନ୍ତ୍ରୀ ଓଡିଶା ସ୍କୁଲ ଏବଂ ଗଣ ଶିକ୍ଷା ବିଭାଗ ଦ୍ୱାରା ଚାଲୁଥିବା ଘରେ ଘରେ ସର୍ବେକ୍ଷଣ କାର୍ଯ୍ୟକ୍ରମର ପ୍ରଶଂସା କରିଛନ୍ତି, ଯାହାକି ବିଦ୍ୟାଳୟ ଛାଡ଼ିଦେଇଥିବା ଶିଶୁମାନଙ୍କୁ ଚିହ୍ନଟ କରିବା ପାଇଁ କରାଯାଉଛି। ସେ କହିଛନ୍ତି ଯେ, ଏହି ପଦକ୍ଷେପ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୁଖ୍ୟଧାରାରେ ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ନିଜ ସୋସିଆଲ ମିଡିଆ ପୋଷ୍ଟରେ ସେ କହିଛନ୍ତି, 'ଓଡିଶାରେ ଡବଲ ଇଞ୍ଜିନ ସରକାର ମିଶନ ମୋଡ୍‌ରେ କାମ କରୁଛି, ଯାହା ଦ୍ୱାରା ଗୁଣବତ୍ତାପୂର୍ଣ୍ଣ ଶିକ୍ଷାର ସାର୍ବଜନୀନ ପହଂଚିବା ସୁନିଶ୍ଚିତ ହେଉ, ସମାନତାକୁ ବୃଦ୍ଧି ମିଳୁ ଏବଂ ଶିଶୁମାନଙ୍କର ପୋଷଣ ଓ ଶିକ୍ଷାଗତ ମାନଦଣ୍ଡରେ ସୁଧାର ଆଣୁ।' ସମୀକ୍ଷାରେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଓ ସମଗ୍ର ଶିକ୍ଷା ପରି ପ୍ରମୁଖ ଯୋଜନାଗୁଡ଼ିକର ପ୍ରଗତି ବିଷୟରେ ଆଲୋଚନା ହୋଇଛି । ଏହାସହିତ, ନୂତନ ଜାତୀୟ ପାଠ୍ୟକ୍ରମ ଢଂଚା ଅନୁଯାୟୀ ପାଠ୍ୟପୁସ୍ତକ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ପ୍ରତି ଜୋର ଦିଆଯାଇଛି। ବିଶେଷତଃ ଓଡିଶାର ସ୍ଥାନୀୟ ଓ ସାଂସ୍କୃତିକ ବିଶେଷତାକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପ୍ରୟାସକୁ ବି ପ୍ରଶଂସା କରାଯାଇଛି, ଯାହା ଛାତ୍ରଛାତ୍ରୀଙ୍କୁ ରାଜ୍ୟର ପରିଚୟ ସହିତ ଯୋଡିହୋଇ ଶିଖିବାର ପ୍ରକ୍ରିୟାକୁ ଅଧିକ କାର୍ଯ୍ୟକାରୀ କରାଯାଇପାରିବ । କେନ୍ଦ୍ର ମନ୍ତ୍ରୀ ଏହା ବି ଆଶ୍ୱସ୍ତ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡିଶାର ଶିକ୍ଷା ପ୍ରଣାଳୀକୁ ୨୧ତମ ଶତାବ୍ଦୀର ଆବଶ୍ୟକତା ଅନୁଯାୟୀ ଆଧୁନିକ ଓ ପ୍ରଗତିଶୀଳ କରିବା ପାଇଁ ସଂପୂର୍ଣ୍ଣ ଭାବେ ପ୍ରତିବଦ୍ଧ। ସେ କହିଛନ୍ତି, 'ଆମେ ବିକାଶଶୀଳ ଓଡିଶା ଓ ବିକାଶଶୀଳ ଭାରତ ଲକ୍ଷ୍ୟ ପ୍ରତି ନିରନ୍ତର କାର୍ଯ୍ୟ କରୁଛୁ।'



# ରାଜଧାନୀରେ କୁକୁର ବନ୍ଧ୍ୟାକରଣ

ଭୁବନେଶ୍ୱର,୧୯।୫ (ମହାଭାରତ): ରାଜଧାନୀ ଭୁବନେଶ୍ୱରରେ ଆରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ। ଏହି କ୍ରମରେ ବିଏମ୍‌ସି କାର୍ଯ୍ୟାଳୟରେ ବଏମ୍ସି ମେୟର କୁକୁର ଉଦ୍ଧାର ଗାଡ଼ିର ଶୁଭାରମ୍ଭ କରିଛନ୍ତି।

ପ୍ରାଥମିକ ପର୍ଯ୍ୟାୟରେ ମହାନଗର ନିଗମ ଅଞ୍ଚଳରେ ୨ଟି କୁକୁର ଉଦ୍ଧାର ଗାଡ଼ି ବୁଲିବୟ ଏବେ ଭୁବନେଶ୍ୱରରେ ୭୦ ହଜାରରୁ ଅଧିକ ବୁଲା କୁକୁର ରହିଛନ୍ତି। ପ୍ରତି ମାସରେ ପ୍ରାୟ ୨ ହଜାର ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ବ୍ୟବସ୍ଥା କରିଛି ବିଏମ୍‌ସି ।ସେମାନଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ହାଇଦ୍ରାବାଦ ସ୍ଥିତ ଭେଟ୍ସ ସୋସାଇଟ୍ ଫର୍ ଆନିମଲ ୱେଲଫେୟାର ଆଣ୍ଡ ରୁରାଲ ଡେଭଲପମେଣ୍ଟ ସାହାଯ୍ୟ ନିଆଯାଇଛିୟ ଆସନ୍ତା ୩ ବର୍ଷ ପାଇଁ ଏହି ବନ୍ଧ୍ୟାକରଣ ପ୍ରକ୍ରିୟା ଜାରି ରହିବ। ବନ୍ଧ୍ୟାକରଣ ଦ୍ୱାରା ସହରରେ ବୁଲା କୁକୁରଙ୍କର ସଂଖ୍ୟା ବୃଦ୍ଧିକୁ ରୋକିବାକୁ ଲକ୍ଷ୍ୟ ରହିଛି। ବନ୍ଧ୍ୟାକରଣ ସହ କୁକୁର ଗଣନା କରିବ ଭୁବନେଶ୍ୱର ମହାନଗର ନିଗମ। ସମୁଦାୟ ୬୭ଟି ୱାର୍ଡରେ ପୂର୍ବପରି ବୁଲା କୁକୁର ଗଣନା କାର୍ଯ୍ୟ କରାଯିବାର ଯୋଜନା ରହିଛି। ଏହି କାର୍ଯ୍ୟରେ ବିଏମସିର ସ୍ୱଚ୍ଛ ସାଥୀମାନେ ମଧ୍ୟ ସହାୟତା କରିବେୟ ଏହି କାର୍ଯ୍ୟକୁ ବିଏମ୍‌ସିର ପ୍ରାଣୀ ଡାକ୍ତରମାନେ ତଦାରଖ କରିବେ। ପ୍ରାଥମିକ ପର୍ଯ୍ୟାୟରେ ମହାନଗର ନିଗମ ଅଞ୍ଚଳରେ ୨ଟି କୁକୁର ଉଦ୍ଧାର ଗାଡ଼ି ବୁଲିବ। ଏବେ ଭୁବନେଶ୍ୱରରେ ୭୦ ହଜାରରୁ ଅଧିକ ବୁଲା କୁକୁର ରହିଛନ୍ତି। ପ୍ରତି ମାସରେ ପ୍ରାୟ ୨ ହଜାର ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ବ୍ୟବସ୍ଥା କରିଛି ବିଏମ୍‌ସି। ସେମାନଙ୍କୁ ବନ୍ଧ୍ୟାକରଣ କରିବା ପାଇଁ ହାଇଦ୍ରାବାଦ ସ୍ଥିତ ଭେଟ୍ସ ସୋସାଇଟ୍ ଫର୍ ଆନିମଲ ୱେଲଫେୟାର ଆଣ୍ଡ ରୁରାଲ ଡେଭଲପମେଣ୍ଟ ସାହାଯ୍ୟ ନିଆଯାଇଛି। ଆସନ୍ତା ୩ ବର୍ଷ ପାଇଁ ଏହି ବନ୍ଧ୍ୟାକରଣ ପ୍ରକ୍ରିୟା ଜାରି ରହିବ। ବନ୍ଧ୍ୟାକରଣ ଦ୍ୱାରା ସହରରେ ବୁଲା କୁକୁରଙ୍କର ସଂଖ୍ୟା ବୃଦ୍ଧିକୁ ରୋକିବାକୁ ଲକ୍ଷ୍ୟ ରହିଛି। ବନ୍ଧ୍ୟାକରଣ ସହ କୁକୁର ଗଣନା କରିବ ଭୁବନେଶ୍ୱର ମହାନଗର ନିଗମ। ସମୁଦାୟ ୬୭ଟି ୱାର୍ଡରେ ପୂର୍ବପରି ବୁଲା କୁକୁର ଗଣନା କାର୍ଯ୍ୟ କରାଯିବାର ଯୋଜନା ରହିଛି।



# ବିଭିନ୍ନ ସ୍ଥାନରେ ଆର୍ଟ ଅଫ୍ ଗିଭିଂ ଦିବସ

ଭୁବନେଶ୍ୱର,୧୯।୫ (ମହାଭାରତ): ସମଗ୍ର ବିଶ୍ୱରେ ପାଳିତ ହୋଇଛି ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ। ଓଡ଼ିଶାର ସମସ୍ତ ଜିଲ୍ଲା ସମେତ ୩୫ଟି ସହର, ଭାରତର ବିଭିନ୍ନ ସହର ସହ ବିଶ୍ୱର ପ୍ରାୟ ୧୨୦ଟି ଦେଶର ୩୫୦ଟି ସ୍ଥାନରେ ୧୨ତମ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଛି। ଭାରତର ୨୯ଟି ରାଜ୍ୟ, ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୩୫ଶହ ସ୍ଥାନରେ ଏବଂ ୨ଶହ ସହର ସମେତ ଓଡ଼ିଶାର ୩୦ଟି ଜିଲ୍ଲା, ୩୫ଟି ପ୍ରମୁଖ ସହର, ୩ଶହରୁ ଊର୍ଦ୍ଧ୍ୱ ବ୍ଲକ୍, ୫ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତର ୧୦ ହଜାର ସ୍ଥାନରେ ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ସଭା ସମିତି କରାଯାଇ ଆର୍ଟ୍ ଅଫ୍ ଗିଭିଂର ବାର୍ତ୍ତା ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା।

ସମାଜରେ ପରସ୍ପରକୁ ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବାଣ୍ଟିବା ପାଇଁ ୨୦୧୩ ମସିହା ମେ ୧୭ ତାରିଖଠାରୁ ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆର୍ଟ ଅଫ୍ ଗିଭିଂ' ପ୍ରୟାସ ଏବେ ସମଗ୍ର ବିଶ୍ୱରେ ପ୍ରସାର ଲାଭ କରିଛି। ସମସାମୟିକ ଆବଶ୍ୟକତା ଓ ଆବେଗ ଆଧାରରେ ପ୍ରତିବର୍ଷ 'ଆର୍ଟ ଅଫ୍ ଗିଭିଂ'ର ଏକ ସ୍ୱତନ୍ତ୍ର ବିଷୟବସ୍ତୁ ରହିଥାଏ। ଚଳିତବର୍ଷର ବିଷୟବସ୍ତୁ ଥିଲା ନେବରଗୁଡ୍ (ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ)।

ମୁଷ୍ଟିମେୟ ଅଂଶଗ୍ରହଣକାରୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଏବେ କାୟା ବିସ୍ତାର କରିଚାଲିଛି । ଦେଶରୁ ମହାଦେଶକୁ ବ୍ୟାପିଛି। ଲକ୍ଷ ଲକ୍ଷ ବ୍ୟକ୍ତି ସାମିଲ ହୋଇଛନ୍ତି। ଜାତି, ଧର୍ମ, ବୟସ, ଲିଙ୍ଗ, ଜନ୍ମସ୍ଥାନ ନିର୍ବିଶେଷରେ ଏହି ଦିନଟି ସମସ୍ତଙ୍କ ପାଇଁ ଆଶା, ଖୁସି ଓ ମାନବିକତାର ଦିବସ ରୂପେ ପ୍ରତୀୟମାନ ହୋଇଛି। ମେ ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପୀ ପାଳିତ ହୋଇଯାଇଛି ଖୁସିର ପକ୍ଷ। ଏହି ଅବସରରେ ଆର୍ଟ୍ ଅଫ୍ ଗିଭିଂର ଅନୁଗାମୀମାନେ ସେମାନଙ୍କ ପଡ଼ୋଶୀ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଖୁସି ବାଣ୍ଟିବା ସହ ଆର୍ଟ୍ ଅଫ୍ ଗିଭିଂର ବାର୍ତ୍ତା ପ୍ରଚାର କରିଥିଲେ। ଏହି ଅବସରରେ ଆର୍ଟ୍ ଅଫ୍ ଗିଭିଂର ଅନୁଗାମୀ ଓ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଜଣାଇ ଆର୍ଟ୍ ଅଫ୍ ଗିଭିଂର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ୨୦୧୩ ମେ ୧୭ତାରିଖରେ ଯେଉଁ ବୀଜ ବପନ କରାଯାଇଥିଲା, ତାହା ଆଜି ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଲୋକମାନେ ଏହାକୁ ଗ୍ରହଣ କରିଛନ୍ତି। ଏହା ଲୋକଙ୍କ ମଧ୍ୟରେ ଏତେ ଆଦୃତ ହୋଇଛି ଯେ, ସମଗ୍ର ବିଶ୍ୱରେ ବିଶେଷ କରି ଭାରତ ଏବଂ ଓଡ଼ିଶାର ଲୋକମାନେ ଏହାକୁ ଏକ ପର୍ବ ଭାବରେ ପାଳନ କରୁଛନ୍ତି। ଏହା ଦ୍ୱାରା ସମାଜରେ ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ, ବନ୍ଧୁତା ଓ ଭଲପାଇବା ଆହୁରି ଦୃଢ଼ିଭୂତ ହେବା ସହ ବୃଦ୍ଧି ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



# ବିଏମ୍‌ସିର ୱାର୍ଡସ୍ତରୀୟ ଜନଶୁଣାଣି ଆରମ୍ଭ

ଭୁବନେଶ୍ୱର,୧୯।୫ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ପ୍ରଥମ ଥର ପାଇଁ ଆଜିଠାରୁ ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି। ଆଜି ୩୪ ନମ୍ବର ୱାର୍ଡରୁ ଏହି ଅଭିଯୋଗ ଶୁଣାଣିର ଆରମ୍ଭ ହୋଇଥିବାବେଳେ ପ୍ରଥମ ଅଭିଯୋଗ ଶୁଣାଣିରେ ମେୟରଙ୍କ କଥାକୁ ନେଇ ହୁଲସ୍ଥୁଲ ହୋଇଥିଲା ସଭା। ମେୟରଙ୍କ କଥାକୁ ଗଣ୍ଠି କରି ପୂର୍ବତନ କର୍ପୋରେଟର୍ ଓ ଅନ୍ୟ ଅଭିଯୋଗକାରୀମାନେ କ୍ଷମା ପ୍ରାର୍ଥନା ଦାବି କରିଥିଲେ। ଶେଷରେ ମେୟରଙ୍କ ଉଚ୍ଚ ସ୍ୱର ନରମିବା ଓ ସଂପୃକ୍ତ ନାଳର ପ୍ରତିକାରର ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆଜି ଭୁବନେଶ୍ୱର ମହାନଗର ନିଗମର ୩୪ ନମ୍ବର ୱାର୍ଡର ସତ୍ୟନଗରସ୍ଥିତ ୱାର୍ଡ ଅଫିସରେ ଏହି ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ମେୟର ସୁଲୋଚନା ଦାସ ଏହି ଅଭିଯୋଗ ଶୁଣାଣିର ଶୁଭାରମ୍ଭ କରିଥିଲେ। ଶୁଣାଣିରେ ଶତାଧିକ ୱାର୍ଡବାସୀ ମାଳ ମାଳ ଅଭିଯୋଗ ନେଇ ଉପସ୍ଥିତ ଥିଲେ। ଆରମ୍ଭରୁ ୩୪ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର୍ ଭାନୁପ୍ରିୟା ଦାସ ଓ ଅନ୍ୟମାନେ ୧୦ ନମ୍ବର ଡ୍ରେନ୍‌ର ଦୁର୍ଗନ୍ଧମୟ ପରିବେଶ ଉପରେ ଆପତ୍ତି ଉଠାଇବା ସହ ଏହାର ପ୍ରତିକାର ଦାବି କରିଥିଲେ। କିନ୍ତୁ ମେୟର 'ନାଳ କ'ଣ ଗନ୍ଧାଇବନି, ବାସିବ ?' ବୋଲି କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇଯାଇଥିଲେ ପୂର୍ବତନ କର୍ପୋରେଟର୍ ଶ୍ରୀମତୀ ଦାସ ଓ ଅନ୍ୟମାନେ। ଏଭଳି ମନ୍ତବ୍ୟ ଉପରେ କ୍ଷମା ପ୍ରାର୍ଥନା ଦାବି କରିଥିଲେ। ସଭା ଚଲାଇ ଦେଇନଥିଲେ। ମେୟର ସେମାନଙ୍କୁ ବୁଝାସୁଝା କଲା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ମେୟର ଶ୍ରୀମତୀ ଦାସ କହିଛନ୍ତି, ୩୪ ନମ୍ବର ୱାର୍ଡର ୧୦ ନମ୍ବର ଡ୍ରେନର ଆଖପାଖ ଘରର ସବୁ ଶୋଚ ଟାଙ୍କି ସଂଯୋଗ କରାଯାଇଛି। ଯାହା ଦୁର୍ଗନ୍ଧର କାରଣ ସାଜିଛି। ସତ କଥା କହିଲେ ଯଦି କାହାରିକୁ ବାଧିବ, ସେଥିରେ ବା କ'ଣ କରିହେବ ? ତଥାପି ଆମେ ଏହି ନାଳର ପ୍ରତିକାର ଦିଗରେ ପଦକ୍ଷେପ ନେଉଛୁ। କାର୍ଯ୍ୟାଦେଶ ସରିଛି, ଶୀଘ୍ର କାମ ଆରମ୍ଭ ହେବୟ। ସ୍ୱଳ୍ପ ବଜେଟରେ ଯଥାସମ୍ଭବ କାମ କରୁଛୁ ବୋଲି ଶ୍ରୀମତୀ ଦାସ କହିଛନ୍ତି।

ଏହି ଅବସରରେ ପୂର୍ବତନ କର୍ପୋରେଟର୍ ଶ୍ରୀମତୀ ଦାସ ଓ ଅଞ୍ଚଳବାସୀ ଅଭିଯୋଗ କରିଥିଲେ କି ୱାର୍ଡରେ ଷ୍ଟ୍ରିଟ୍ ଲାଇଟ୍ ଠିକ୍ରେ ଜଳୁନି। ବିଗବଜାରଠାରୁ ସତ୍ୟନଗର ସାଇମନ୍ଦିର ପର୍ଯ୍ୟନ୍ତ ଯାଇଥିବା ନାଳରୁ ନିୟମିତ ବର୍ଜ୍ୟଜଳ ବାହାରେ ଭାସୁଛି ଓ ବର୍ଷାରେ ସ୍ଥିତି ଅସମ୍ଭାଳ ହେଉଛି। ବିଭିନ୍ନ ଟେଲିଫୋନ୍ କମ୍ପାନି ରାସ୍ତାଘାଟ ଖୋଳି ଦେଉଛନ୍ତି। ମରାମତି ହେଉନଥିବାରୁ ଲୋକେ ଯା'ଆସରେ ଅସୁବିଧା ଭୋଗୁଛନ୍ତି।



# ପାନୀୟ ଜଳ ଯୋଗାଣ ସମୀକ୍ଷା

ଭୁବନେଶ୍ୱର,୧୯।୫ (ମହାଭାରତ): ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ପାନୀୟ ଜଳ ଯୋଗାଣ ଓ ନୂତନ ନଳକୂପ ଖନନ, ନଳକୂପର ମରାମତି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ସଂପର୍କରେ ସମୀକ୍ଷା କଲେ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ। ବିଶେଷକରି ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଓ ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟ ସୀମାରେ ସମାପ୍ତ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ।

ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରାଥମିକତା ଦେଇଛନ୍ତି। ଏହାକୁ ସୁନିଶ୍ଚିତ କରିବା ପାଇଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ବିପୁଳ ପୁଞ୍ଜିନିବେଶ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବାଣପୁର ବ୍ଲକ ଅଧ୍ୟକ୍ଷ ଶ୍ରୀ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଜ୍ୟୋତ୍ସ୍ନା ବେହେରା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାସ, ବାଣପୁର ବ୍ଲକ ବିଡ଼ିଓ ଶ୍ରୀମତୀ ଶୀତଲ୍ ଅଗ୍ରୱାଲ,ଚିଲିକା ବ୍ଲକ ବିଡ଼ିଓ ସୁଶ୍ରୀ ପୁନମ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ଗଣ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ବିଜେପି କୃଷକ ମୋର୍ଚ୍ଚା

ଭୁବନେଶ୍ୱର,୧୯।୫ (ମହାଭାରତ): ଓଡ଼ିଶାର ଚାଷୀମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ ଚାଷୀ ଦରଦୀ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅନେକ କୃଷକ କଲ୍ୟାଣକାରୀ ଯୋଜନା କରୁଛନ୍ତି। ଏନେଇ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ବିଶେଷ କରି ଲଘୁଚାପଜନିତ ଅଦିନିଆ ଝଡ଼ବର୍ଷା ଅବା କାଳବୈଶାଖୀ ଜନିତ ଫସଲ କ୍ଷୟକ୍ଷତିରେ କୃଷକମାନଙ୍କୁ ସହାୟତା ଦେବା ପାଇଁ କ୍ୟାବିନେଟ୍‌ରେ ନିଷ୍ପତି ନିଆଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ସାହୁ କୃତଜ୍ଞତା ଜଣାଇଛନ୍ତି। ଏହାଛଡ଼ା ଧାନ କୁଇଂଟାଲ ପ୍ରତି ୩୧୦୦ ଟଙ୍କା ଚାଷୀମାନଙ୍କୁ ଦେବା, ୫୮ଟି ସବ୍‌ଡିଭିଜନରେ ଶୀତଳଭଣ୍ଡାର କରିବା, ୧୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚିତ କରିବା ନିଷ୍ପତି, ସିଏମ୍ କିଶାନ ଯୋଜନାରେ ୫୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀମାନଙ୍କୁ ୨ଟି କିସ୍ତିରେ ବର୍ଷକୁ ୪ ହଜାର ଟଙ୍କା ପ୍ରଦାନ, ଆଳୁ ଚାଷ କରିବା ପାଇଁ ଚାଷୀମାନଙ୍କୁ ହେକ୍ଟର ପିଛା ୫୮ ହଜାର ଟଙ୍କା ପ୍ରୋତ୍ସାହନ ସହାୟତା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ସେମାନଙ୍କ ନିକଟରେ କିପରି କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ପହଂଚିବ ସେ ବିଷୟରେ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏସବୁ ଦିଗରେ ବଳିଷ୍ଠ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସାକ୍ଷତକାର ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି। ତତ୍‌ସହିତ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ବିଷୟରେ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ପ୍ରଚାରପ୍ରସାର କରିବା ପାଇଁ କୃଷକମୋର୍ଚ୍ଚା ମୁଖ୍ୟଭୂମିକା ଗ୍ରହଣ କରୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ।



# ଓପ୍‌ସା ପକ୍ଷରୁ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର,୧୯।୫ (ମହାଭାରତ): ଓଡିଶା ବୃତ୍ତିଗତ ସାମାଜିକ କର୍ମୀ ସଂଘ (ଓପ୍‌ସା)ର ବରିଷ୍ଠ ସଦସ୍ୟମାନେଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଓଡ଼ିଶାରେ ସାମାଜିକ କାର୍ଯ୍ୟ ଶିକ୍ଷା ସମ୍ପର୍କରେ ସେମାନଙ୍କର ଚିନ୍ତା ପ୍ରକାଶ କରିଥିଲେ। ଓଡ଼ିଶାରେ ସାମାଜିକ କାର୍ଯ୍ୟ ଶିକ୍ଷା ପ୍ରତିଷ୍ଠାର ୫୦ ବର୍ଷ ପରେ ମଧ୍ୟ ଏହା ଅନ୍ୟ ବିଭାଗର ଏକ ଅଂଶ ଭାବରେ କିମ୍ବା ଅନ୍ୟାନ୍ୟ ଅଧ୍ୟୟନ କ୍ଷେତ୍ରର ଅଧୀନରେ କାର୍ଯ୍ୟ କରି ଏକ ଅବହେଳିତ ବିଭାଗ ଭାବରେ ଜାରି ରହିଛି। ଏହାର ସମସାମୟିକ ଗୁରୁତ୍ୱକୁ ଅଣଦେଖା କରି ଓଡ଼ିଶାରେ କୌଣସି ସ୍ୱାଧୀନ ସାମାଜିକ କାର୍ଯ୍ୟ ବିଭାଗ ପ୍ରତିଷ୍ଠା ହୋଇନାହିଁ। ଓଡିଶାରେ ସାମାଜିକ କାର୍ଯ୍ୟ ଶିକ୍ଷାର ସ୍ଥିତି ଏକ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ତେଣୁ, ଓଡିଶାରେ ସାମାଜିକ କାର୍ଯ୍ୟ ଶିକ୍ଷାର ଉନ୍ନତି ବିଷୟରେ ଆଲୋଚନା କରିବା ପାଇଁ, ସଦସ୍ୟ ଏବଂ ମାନ୍ୟବର ମନ୍ତ୍ରୀଙ୍କ ମଧ୍ୟରେ ଏକ ଫଳପ୍ରଦ ଆଲୋଚନା ହୋଇଥିଲା। ଓଡିଶାର ପ୍ରତ୍ୟେକ ସରକାରୀ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ସାମାଜିକ କାର୍ଯ୍ୟ ବିଭାଗ ପ୍ରତିଷ୍ଠା କରି ଓଡିଶାରେ ସାମାଜିକ କାର୍ଯ୍ୟ ଶିକ୍ଷାକୁ ଆନୁଷ୍ଠାନିକ କରିବା ସହିତ ସୁଲଭ ଦେୟରେ ସାମାଜିକ କାର୍ଯ୍ୟ ଶିକ୍ଷା ପ୍ରଦାନ ପାଇଁ ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତାବ ଦିଆଯାଇଥିଲା। ଏହା ସହିତ ସାମାଜିକ କାର୍ଯ୍ୟ ଶିକ୍ଷା ପାଇଁ ଏକ ପାଠ୍ୟକ୍ରମ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା ଯାହା ଦ୍ୱାରା ଏହା ସମଗ୍ର ଓଡ଼ିଶାରେ ସମାନ ଭାବରେ ପ୍ରୟୋଗ ହୋଇପାରିବ। ଓଡିଶାରେ ସାମାଜିକ କାର୍ଯ୍ୟ ଶିକ୍ଷାର ଶୈକ୍ଷିକ ଅଭିବୃଦ୍ଧି ପାଇଁ ପର୍ଯ୍ୟାପ୍ତ ଏବଂ ଦକ୍ଷ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ପାଇଁ ଏକ ଦାବି କରାଯାଇଥିଲା। ପ୍ରଶାସନିକ ଅବହେଳା, ପାଣ୍ଠିର ଅପବ୍ୟବହାର ଏବଂ ଦୁର୍ନୀତି ଦୂର କରିବା ମଧ୍ୟ ସଦସ୍ୟମାନଙ୍କ ଦ୍ୱାରା ଉଠାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା।



# ସେନା ବାହିନୀର ପରାକ୍ରମ ଓ ଶୌର୍ଯ୍ୟ ଭାରତୀୟଙ୍କୁ ଗର୍ବିତ କରିଛି

ଭୁବନେଶ୍ୱର,୧୯।୫ (ମହାଭାରତ): ଅପରେସନ ସିନ୍ଦୁରରେ ଆମ ସେନା ବାହିନୀର ପରାକ୍ରମ ଓ ଶୌର୍ଯ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି । ଆଜି କେବଳ ବୌଦ୍ଧ ନୁହେଁ ଭୁବନେଶ୍ୱର ନୁହେଁ, ଓଡ଼ିଶାର ପ୍ରତ୍ୟେକ ଗାଁ ରେ ଏହି ଅସୀମ ପରାକ୍ରମର ସିନ୍ଦୁର ଶୋଭାଯାତ୍ରା ହେଉଛି ଏବଂ ଏହା ଆତଙ୍କବାଦ ବିରୋଧରେ ସରକାରଙ୍କର ଶୂନ୍ୟ ସହନଶୀଳତା ନୀତିକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବୌଦ୍ଧ ଜିଲ୍ଲାର ସରସରା ଗ୍ରାମ ଠାରେ ଆୟୋଜିତ ସିନ୍ଦୁର ଶୋଭାଯାତ୍ରାରେ କହିଥିଲେ।

ଏହି ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟକ ମହିଳା ଯୋଗ ଦେଇ ହାତରେ ତ୍ରିରଙ୍ଗା ପତାକା ଧରି ଜୟ ହିନ୍ଦ, ଭାରତ ମାତା କି ଜୟ ଧ୍ୱନୀରେ ଚାଲି ଚାଲି ଏହି ଯାତ୍ରା ସମ୍ପୂର୍ଣ୍ଣ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ, ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ, ବୌଦ୍ଧ ତଥା ସରକାରୀ ଦଳ ମୁଖ୍ୟ ସଚେତକ, ଶ୍ରୀ ସରୋଜ କୁମାର ପ୍ରଧାନ, ବିଧାୟକ, କଂଟାମାଳ, ଶ୍ରୀ କହ୍ନାଇ ଚରଣ ଡାଙ୍ଗ ମଧ୍ୟ ଏହି ଶୋଭାଯାତ୍ରା ରେ ସାମିଲ ହୋଇଥିଲେ।

ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଅପରେସନ ସିନ୍ଦୁର ଅନେକ ପ୍ରକାରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ପ୍ରଥମେ, ୧୯୭୧ ପରେ ପାକିସ୍ତାନର ସୀମା ଭିତରେ ଏମିତି ପ୍ରଚଣ୍ଡ ଆକ୍ରମଣ କେବେ ହୋଇନଥିଲା। ପେହେଲଗାମ ଠାରୁ ବି ଅଧିକ ଭୟଙ୍କର ନରସଂହାର ମୁମ୍ବାଇରେ ହୋଇଥିଲା। କିନ୍ତୁ, ସୀମାପାର ଆତଙ୍କବାଦୀଙ୍କୁ ସୁରକ୍ଷା ଦେଉଥିବା ଶକ୍ତିଙ୍କୁ ତାଙ୍କ ମାଟିରେ ଦଣ୍ଡ ଦେବା ପାକିସ୍ତାନ ପାଇଁ ଥିଲା ଅକଳ୍ପନୀୟ, ଅବିଶ୍ୱସନୀୟ। ମାନନୀୟ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କହିଛନ୍ତି ଯେ ଭାରତରେ ଯେ କୌଣସି ଆତଙ୍କବଦୀ ଆକ୍ରମଣକୁ ଦେଶ ବିରୁଦ୍ଧରେ ଯୁଦ୍ଧ ପରି ଧରାଯିବ। ଆମ ସେନା ଆଗରୁ ବି ସମର୍ଥ ଥିଲା, କିନ୍ତୁ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଅନେକ ଭାରତୀୟଙ୍କୁ ସେମାନଙ୍କ ଜୀବନ ଦେଇ ମୂଲ୍ୟ ଦେବାକୁ ପଡିଥିଲା। କିନ୍ତୁ, ବାସ୍, ଆଉ ନୁହେଁ। ଭାରତ ନିଜେ ସମର୍ଥ ଏପରି ଆତଙ୍କବାଦୀଙ୍କୁ ଖୋଜି ନିପାତ କରିବା ପାଇଁ। ଆଜି ଆମେ ସମସ୍ତେ ଗର୍ବର ସହିତ କହି ପାରିବା ଯେ ଦେଶ ସୁରକ୍ଷିତ ହାତରେ ଅଛି, କାରଣ ଦେଶର ସୁରକ୍ଷା ମୋଦୀ ଜୀଙ୍କ ହାତରେ ଅଛି ବୋଲି ସେ କହିଥିଲେ।

ସେ ଶେଷରେ କହିଥିଲେଯେ, ଆଜି ଆପଣମାନଙ୍କ ଗହଣରେ ଏଭଳି ଏକ ବିରତ୍ୱଗାଥାର ଶୋଭାଯାତ୍ରାରେ ଯୋଗ ଦେଇ ମୁଁ ଆହ୍ୱାନ କରୁଛି, ଆମକୁ ସୁରକ୍ଷା ପ୍ରଦାନ କରୁଥିବା ବୀରଯବାନମାନଙ୍କ ସମ୍ମାନାର୍ଥେ ପ୍ରତ୍ୟେକ ନାଗରିକ ନିଜକୁ ଏହି ତ୍ରିରଙ୍ଗା ଯାତ୍ରାରେ ସାମିଲ କରନ୍ତୁ। ଦେଶର ସୁରକ୍ଷା ସହିତ ବିକାଶ ହିଁ ମୋଦି ଜୀଙ୍କ ମନ୍ତ୍ର। ଆଜି ଆମଦେଶ ବିଶ୍ୱର ସବୁଠାରୁ ଅଧିକ ହାରରେ ବୃଦ୍ଧିହେଉଥିବା ଅର୍ଥନୀତି।

# ମୌସୁମୀକୁ ଅପେକ୍ଷା

ଚଳିତ ବର୍ଷ ମୌସୁମୀ ଜୁନ ୧୨ ତାରିଖ ସୁଦ୍ଧା ଓଡ଼ିଶା ଛୁଇଁବ ବୋଲି ଆଶା କରାଯାଉଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ଆକଳନ ଅନୁଯାୟୀ ଏଥର ଭାରତରେ ମୌସୁମୀ ସ୍ୱାଭାବିକ ରହିବ। ଭାରତରେ ଗତ ୫୦ ବର୍ଷର ହାରାହାରି ବୃଷ୍ଟିପାତ ପରିମାଣ ହେଲା ୮୮ ସେଣ୍ଟିମିଟର। ଏହାକୁ କୁହାଯାଏ ସ୍ୱାଭାବିକ ମୌସୁମୀ ବର୍ଷା। ଏହାର ୯୬ରୁ ୧୦୪% ପର୍ଯ୍ୟନ୍ତ ବର୍ଷାକୁ ସ୍ୱାଭାବିକ କୁହାଯିବ। ୧୦୪%ରୁ ଅଧିକ ବର୍ଷା ହେଲେ ଏହାକୁ ଅତିବୃଷ୍ଟି ଏବଂ ୯୬%ରୁ କମ ବର୍ଷା ହେଲେ ଏହାକୁ ସ୍ୱଳ୍ପ ବୃଷ୍ଟି ବୋଲି କୁହାଯାଏ। ସ୍ୱାଭାବିକ ପରିମାଣର ୯୦%ରୁ କମ ବର୍ଷା ହେଲେ ମରୁଡ଼ି ବୋଲି କୁହାଯିବ। ଆଇଏମଡିର ଆକଳନ ଅନୁଯାୟୀ ଚଳିତ ବର୍ଷ ଦେଶର ଉତ୍ତର-ପଶ୍ଚିମ ଭାରତରେ ବର୍ଷା ପରିମାଣ କମ ରହିବ। ବାକି ସବୁ ଅଞ୍ଚଳରେ ବର୍ଷା ସ୍ୱାଭାବିକ ବା ଅଧିକ ରହିବ। ଜୁନର ବର୍ଷା ପରିମାଣ କମ ରହିବ ବୋଲି ଆଇଏମଡି ପକ୍ଷରୁ କୁହାଯାଇଛି। ଗତ କିଛି ବର୍ଷ ହେବ ଏହା ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଛି। ଜୁନ-ଜୁଲାଇରେ ବର୍ଷା ପରିମାଣ କମ ରହୁଛି। ଅଗଷ୍ଟରୁ ବର୍ଷ ପରିମାଣ ବଢୁଛି। ଅନେକ ସମୟରେ ଅକ୍ଟୋବରରେ ଅଧିକ ବର୍ଷା ହେଉଛି। ମୌସୁମୀ ପ୍ରବେଶ କରିବା ପରେ ଅନେକ ସମୟରେ ଏହାର ଗତି ମନ୍ଥର ହୋଇଯାଉଛି। ଆଉ ମୌସୁମୀ ଦୀର୍ଘ ଦିନ ଧରି ନିଷ୍କ୍ରିୟ ହେବାର ମଧ୍ୟ ନଜିର ରହିଛି। ଯାହା ବି ହେଉ ମୌସୁମୀ ସମ୍ପର୍କିତ ଆଇଏମଡିର ଭବିଷ୍ୟବାଣୀ ଆଶ୍ୱସ୍ତିର କାରଣ ହୋଇଛି। କାରଣ ଏହା ହିଁ ଭାରତୀୟ ଅର୍ଥନୀତିର ଭିତ୍ତିଭୂମି ସ୍ଥାପିତ କରିଥାଏ। ଭାରତ ଏକ କୃଷି ପ୍ରଧାନ ଦେଶ। କୃଷି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ଦେଶର ୬୦% ଲୋକ କୃଷି ଉପରେ ପ୍ରତ୍ୟକ୍ଷ ଭାବେ ନିର୍ଭର କରନ୍ତି। ଭାରତରେ ଅଧାରୁ ଅଧିକ ଚାଷଜମିକୁ ଜଳସେଚନ ସୁବିଧା ନାହିଁ। ଏସବୁ ଜମିରେ ଚାଷ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ବିଶେଷ କରି ଖରିଫ ଫସଲ ସମ୍ପୂର୍ଣ୍ଣ ଭାବେ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ମୌସୁମୀରେ ଭଲ ବର୍ଷା ହେଲେ ଜଳଭଣ୍ଡାର ଭରପୁର ହୋଇଥାଏ ଏବଂ ପରେ ରବି ଫସଲ ପାଇଁ ଏହି ଜଳକୁ ବ୍ୟବହାର କରାଯାଇଥାଏ। ତେଣୁ ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଜମିରେ ଚାଷ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ଯେଉଁ ବର୍ଷ ଭଲ ବର୍ଷା ହୋଇନଥାଏ ସେହିବର୍ଷ କୃଷି ଉତ୍ପାଦନ ହ୍ରାସ ପାଇଥାଏ ଏବଂ ଦେଶରେ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଥାଏ। ଚଳିତ ବର୍ଷ ଦେଶରେ ଖାଦ୍ୟ ଉତ୍ପାଦନ ୩୩୦ ମିଲିଅନ ଟପିବ ବୋଲି କୃଷି ମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଇଛି ଯାହା କି ଏକ ସର୍ବକାଳୀନ ରେକର୍ଡ ହେବ। ବିଶେଷ କରି ଗହମ ଉତ୍ପାଦନ ଏଥର ୧୧୨ ମିଲିଅନ ଟନ ଟପିବ ବୋଲି କୁହାଯାଉଛି ଯାହା ଭାରତୀୟ ଅର୍ଥନୀତି ପାଇଁ ଏକ ଶୁଭଖବର। ଗତ ବର୍ଷ ଗହମ ଉତ୍ପାଦନ ହ୍ରାସ ଯୋଗୁ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା ଏବଂ ସରକାରଙ୍କୁ ଗହମ ରପ୍ତାନୀ ଉପରେ କଟକଣା ଲଗାଇବାକୁ ପଡ଼ିଥିଲା ଯାହା ଏବେ ବି ବଳବତ୍ତର ରହିଛି। ଗହମ ଉତ୍ପାଦନରେ ଭାରତ ବିଶ୍ୱରେ ଦ୍ୱିତୀୟ। କିନ୍ତୁ ଗହମର ଘରୋଇ ଚାହିଦା ଏତେ ଅଧିକ ଯେ ଉତ୍ପାଦନ ବୃଦ୍ଧି ସତ୍ତ୍ୱେ ଭାରତ ଅଧିକ ଗହମ ରପ୍ତାନୀ କରିନଥାଏ। କିନ୍ତୁ ଗତ ବର୍ଷ ୟୁକ୍ରେନ ଯୁଦ୍ଧ ଯୋଗୁ ଗ୍ଲୋବାଲ ସପ୍ଲାଇ ଚେନ ପ୍ରଭାବିତ ହୋଇଥିଲା। ଏଥିପାଇଁ ଭାରତରୁ ଅନେକ ଦେଶ ଗହମ ଆମଦାନୀ କରିଥିଲେ। ଫଳରେ ଭାରତରେ ଗହମର ଅଭାବ ଦେଖାଦେଇଥିଲା ଏବଂ ଦରବୃଦ୍ଧି ହୋଇଥିଲା। ମାଗଣା ରାସନ ଯୋଜନାରେ ଏଥିପାଇଁ ଦୀର୍ଘ ଦିନ ହେବ ଗହମ ଆଉ ମିଳୁନି। ଆଶା କରାଯାଉଛି ଚଳିତ ବର୍ଷ ସ୍ଥିତି ସ୍ୱାଭାବିକ ହୋଇଯିବ।

# ଦୂତଙ୍କୁ କଷ୍ଟଦେବା ଶାସ୍ତ୍ର ବିରୁଦ୍ଧ

**॥ ଅଜୟ କୁମାର ବେହେରା ॥**

> “ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି। ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ।

ରାମାୟଣରେ ଦୁଇଟି ଦୂତଙ୍କର ବିଶେଷ ତଥ୍ୟ ରହିଛି ପ୍ରଥମ ହନୁମାନ ଦ୍ୱିତୀୟ ଅଙ୍ଗଦ। ପ୍ରଭୁ ଶ୍ରୀରାମଙ୍କ ସେ ଥିଲେ ଦୂତ ବା ଦୌତ୍ୟ ପ୍ରତିନିଧି। ଦୁଇ ମୁଖ୍ୟଙ୍କ ମଧ୍ୟରେ ପରସ୍ପର ଭାବ ଆଦାନ ପ୍ରଦାନ କରିବା ପାଇଁ ମାଧ୍ୟମ ଏଇ ଦୂତ। ଏକ ସ୍ଥାନରୁ ଅନ୍ୟ ସ୍ଥାନ ନିଶ୍ଚେ କିଛି ଦୂର ପ୍ରତି ସ୍ଥାନରେ ଆଚରଣ ଲୋକଚାର କିନ୍ତୁ ନିୟମ କାନୁନ, ଧର୍ମାଚରଣ, କଥିତ ଭାଷା ଓ ଲିଖିତ ଭାଷା ଭିନ୍ନ ହୋଇଥାଏ। ଏକ ରାଜ୍ୟ ମଧ୍ୟରେ ଭାଷା ଭିନ୍ନ ଏବେ ଜଣାପଡୁଛି। ରାଜ୍ୟରୁ ରାଜ୍ୟାନ୍ତର ଭାଷା ମଧ ଏପରି ହୋଇଥାଏ। ଦେଶରୁ ଦେଶାନ୍ତର ଭାଷା ସଂସ୍କୃତି ନିଶ୍ଚେ ଭିନ୍ନ। କଟକ ଭାଷା ପଶ୍ଚିମ ଓଡ଼ିଶା ଦକ୍ଷିଣ ଓଡ଼ିଶା, ଉତ୍ତର ଓଡ଼ିଶାର କଥିତ ତଫାତ ଭାଷା ଏବେ ପଡୁଛି। ଉତ୍ତର ଭାରତର ହିନ୍ଦୀଭାଷା ମାତ୍ର ତାମିଲନାଡୁରେ ତାମିଲଭାଷା ଆନ୍ଧ୍ରରେ, କର୍ଣ୍ଣାଟକ, କେରଳରେ ମହାରାଷ୍ଟ୍ର, ଗୁଜୁରାଟରେ ଭିନ୍ନ ଭିନ୍ନ ଭାଷା। ଯଦି ଏକ ରାଜ୍ୟର ଜଣେ କର୍ତ୍ତା। ଅନ୍ୟ ରାଜ୍ୟର କର୍ତ୍ତାଙ୍କ ନିକଟକୁ କୌଣସି ସମ୍ବନ୍ଧ ସ୍ଥାପନ ପାଇଁ ଚେଷ୍ଟା କରନ୍ତି ଏପାଇଁ ସେ ଭାଷା ଜ୍ଞାତ ହେବା ଦରକାର। ଏଥିପାଇଁ ଦୋଭାଷୀ ବା ବହୁଭାଷୀ ଜ୍ଞାନ ଥିବା ବ୍ୟକ୍ତିର ଆବଶ୍ୟକ। ଯେ ଜଣଙ୍କର ଭାଷା ଅନ୍ୟ ଜଣଙ୍କୁ ବୁଝାଇବାରେ କଷ୍ଟ ହୁଏନାହିଁ। ଶ୍ରୀରାମଙ୍କ ଘର ହିନ୍ଦୀ ଭାଷୀ ଅଯୋଧ୍ୟା, ରାବଣଙ୍କର ଘର ଲଙ୍କା ଯେଉଁଠି ହିନ୍ଦୀ ଅବଧି ଭାଷା ଯାହା ତାମିଲଭାଷା ଓ ସିଂହଳୀ ଭାଷା। ଏହି କ୍ଷେତ୍ରରେ ଯାଇଥିବା ଦୂତ କେମିତି ତାଙ୍କୁ ବୁଝାଇବେ? ଏହା ଏକ ସମୟ, ଏକ ଭାଷାର ତତସମ ଶବ୍ଦ ଅନ୍ୟଙ୍କର ବୋଧ ଭାଷାରେ ବୁଝାଇବା ପାଇଁ ଦୋଭାଷୀ କଥକଙ୍କର ନିହାତି ଦୁଇ ଭାଷାର ଅଭିଧାନ ଜ୍ଞାନ ଥିବା ଦରକାର। ଦୁଇ ରାଜ୍ୟ ବା ଦୁଇ ଦେଶର ମାଧ୍ୟମିକ ରାଜ୍ୟ ଦୁଇ ସୀମା ଭାଷା ପାଇଁ ଅନେକ ଲୌକିକ ଜ୍ଞାନ ଆହରଣ କରିଥାନ୍ତି। ଏ ସମୟରେ ଶୁଦ୍ଧ ହିନ୍ଦୀ ଓ ତାମିଲ ସିଂହଳୀ ଭାଷାରେ ଦୁଇ ପକ୍ଷ କଥୋପକଥନ ହେଲେ କେବେ ଭାବ ବୁଝି ହେବନାହିଁ ଏଥିପାଇଁ ଅନେକ ସ୍ଥଳରେ ମାଧ୍ୟମ ଭାଷା ଇଂରାଜୀ ରହିଛି। ଭାରତରେ ଜାତୀୟ ଭାଷା ପୂର୍ବରୁ ସଂସ୍କୃତ ଭାଷା ଥିଲା ହେଲେ ଗଣତନ୍ତ୍ର ପ୍ରାସନରେ ହିନ୍ଦୀ ଭାଷାକୁ ଜାତୀୟ ଭାଷା କରାଯାଇଛି। ଏହାବାଦ ଅନେକ ଆଞ୍ଚଳିକ ଲିଖିତ ଓ କଥିତ ଭାଷା ଅଛି, ପୂର୍ବେ ସ୍ଥିର ଲିଖିତ ଭାଷା ନଥିଲା ଓ ପ୍ରତ୍ୟେକ ଭାଷାକୁ ଅନ୍ୟ ଭାଷାରେ କିପରି ବୁଝାଯାଇ ଭାବ ପ୍ରକାଶ କରାଯାଇ ପାରିବ ଏ ସମସ୍ୟା ଥିଲା। ଅନେକ ଭାଷାରେ ଠାର ଭାଷା ଅଛି, ଆମ ଓଡ଼ିଆ ଭାଷାରେ କରଣୀ ଭାଷା ଥିଲା। ଲୋକେ ଦର୍ପଣୀ ଭାଷା ଓ ଶଶିଠାରରେ ଭାଷା ବୁଝିବା ଥିଲା। ମାତ୍ର ଆଉ ଏକ ଭାଷା ରହିଛି ଯାହା ଶଣୀରର ଅଙ୍ଗଭଙ୍ଗୀର ଭାଷା ଓ ହୃଦୟର ଭାଷା ଯେତେବେଳେ ବିଦେଶୀ ସମୁଦ୍ର ଜଳପଥରେ ଜଳଯାତ୍ରାରେ ଆସି ଭାରତ ଭୂଖଣ୍ଡରେ ପହଞ୍ଚି ଥିଲେ ସେମାନଙ୍କୁ ସାଗର ତଟଲୋକେ ଶତୃ ଭାବି କିଛି କ୍ଷେପଣ କରି (ଇଟା, ପଥର, ଟେକା) ଫୋପାଡ଼ି ବ୍ୟସ୍ତ କରୁଥିଲେ ହେଲେ ତାଙ୍କ ପାଖରେ ରକ୍ଷା ପାଇବାକୁ ତତ୍କାଳ କିଛି ଉପାୟ ନଥିଲା ସେମାନେ ସଙ୍ଗରେ ନେଇ ଆସିଥିବା ଆଳୁକୁ ଫିଙ୍ଗି ଥିଲେ। ସ୍ଥାନୀୟ ବାସିନ୍ଦାମାନେ ଏହା କ'ଣ? ଜାଣିବା ପାଇଁ ତାଙ୍କୁ ପଚାରିବା ଚେଷ୍ଟା କଲେ ତାପରେ ଆସିଲା ମିତ୍ରତା ଓ ଆଳୁର ପ୍ରୟୋଗ ଚାଷ ଇତ୍ୟାଦି।

ଏମିତି ହାକିମୀ ଚିକିତ୍ସାର ଉପକାର ନମିଳିବା ସ୍ଥଳେ ପାଶ୍ଚାତ୍ୟ କନ୍ୟାର ଦାରୁଣ ରୋଗ ଆରୋଗ୍ୟ କାରଣରୁ ଏଥିରେ ବ୍ରିଟିଶ ଦୂତମାନେ ଭାରତରେ ରାଜ୍ୟ ଅନୁକମ୍ପା ପାଇଥିଲେ।

ଚକ୍ଷୁ ଦ୍ୱାରା ଅନେକ ଭାଷା ପ୍ରେମୀଯୁଗଳ ମଧ୍ୟରେ ବୁଝାପଡ଼େ। ଅନେକ ଯୁବତୀଙ୍କୁ ଇଙ୍ଗିତ ଚକ୍ଷୁରେ ଦୁଷ୍ଟ ଅଭଦ୍ର ଯୁବକ ଦେଇଥାନ୍ତି। ତ୍ରେତା ଯୁଗରେ ଋଷିମୂନୀମାନେ ଥିଲେ। ଋଷିମାନେ ସଂସ୍କୃତ ଭାଷାରେ ସବୁ ଶାସ୍ତ୍ର ଲେଖିଛନ୍ତି ଓ ପଢୁଥିବା ବେଦ ବା ପ୍ରୟୋଗ କରୁଥିବା ବେଦମନ୍ତ୍ର ସଂସ୍କୃତରେ ଥିଲା ସେମାନେ ତାଙ୍କର ଛାତ୍ର ମାନଙ୍କୁ ସଂସ୍କୃତ ମାର୍ଫତ ପଢ଼ାଉଥିଲେ। ଏମିତିକି ଶ୍ରୀରାମ ଓ ତାଙ୍କର ଭାଇମାନେ ସଂସ୍କୃତରେ ପଢ଼ିଛନ୍ତି। ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ ଆଦି ଋଷିକୁମାର, ବିଶ୍ରବା ଋଷିଙ୍କର ସେମାନେ ସନ୍ତାନ ଏମାନେ ବି ସଂସ୍କୃତ ପାଠ କରିଛନ୍ତି। ହେଲେ ତାଙ୍କର ମାମୁଁଘର ଭାଷା ଥିଲା ଭିନ୍ନ ଆଚାର, ବ୍ୟବହାର, ଜୀବନଧାରଣର ମାନ ଥିଲା ଭିନ୍ନ ଖାଦ୍ୟ ଭକ୍ଷଣ ଥିଲା ଭିନ୍ନ। ହନୁମାନ ଜଣେ ଏମିତି ବ୍ୟକ୍ତି ସେ ପ୍ରଖ୍ୟାତ ସଂସ୍କୃତ ପଣ୍ଡିତ ଜ୍ଞାନୀ ମାନଙ୍କର ଅଗ୍ରଗଣ୍ୟ। ଅନେକ ଭାଷାରେ ଜ୍ଞାତ ଥିଲେ ହେଲେ ଏକ ଶବ୍ଦର ନାନାଦି ଅର୍ଥ ବିଶ୍ଲେଷଣ ଥିବାରୁ ରାବଣ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ହନୁମାନଙ୍କ ବୋଧରେ ରାବଣଙ୍କ ଭାଷା ଶୈଳୀ ପ୍ରୟୋଗ ଜାଣି ତାର ଅନେକ କଥାରେ ହଁ ଭରି ନିଜ ଲାଞ୍ଜରେ ଅଗ୍ନୀ ସଂଯୋଗ ପାଇଁ ରାଜି ହୋଇଥିଲେ ଯାହା ହନୁମାନ ଜଣେ ଦୂତ ସେ ଅବଧ୍ୟ ତାଙ୍କୁ ରାବଣ ବିକଳାଙ୍ଗ ଚେଷ୍ଟା ଭାବନା ଓଲଟ ହୋଇ ସ୍ୱର୍ଣ୍ଣଲଙ୍କା ଦଗ୍ଧୀଭୂତ ହୋଇଥିଲା। ରାବଣ ଦୂତକୁ କଷ୍ଟ ଦେଇ ଶ୍ରୀରାମଙ୍କୁ ନିଜ ବଳ ପରାକ୍ରମ ସୂଚନା ଦେବା ଚିନ୍ତା ଫସର ଫାଟି ଯାଇଥିଲା। ମନ୍ତ୍ରୀ ସଚିବ ସବୁରାଜା ପ୍ରଶାସକଙ୍କର ରହିଛି। ରାଜହତ ଅଛନ୍ତି, ରାଜ ପ୍ରତିନିଧି ଅଛନ୍ତି। ରାଜଧାନୀ ସଦାବ୍ୟସ୍ତ ରାଜା ବା ମୁଖ୍ୟ ପ୍ରଶାସକ କେବେ ସର୍ବତ୍ର ଚାହିଁଲେ ବି ଯାଇ ନପାରନ୍ତି। ଏପାଇଁ ଅତି ଦରକାରୀ କାମରେ ଚିଫ ସେକ୍ରେଟାରୀ, ଜିଲ୍ଲା କଲକ୍ଟେର, ହସିଲଦାର, ବିଡ଼ିଓଙ୍କୁ ତାଙ୍କର ଆଦେଶ ଫରମାନ ପ୍ରୟୋଗ ପାଇଁ ସଦା ଲଗାଉଛନ୍ତି। ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି। ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ। ବ୍ରିଟିଶ ରାଜ୍ୟର ପ୍ରତିନିଧି ଭାରତରେ ଲର୍ଡ଼ ଥିଲେ ଏଇ ଲର୍ଡମାନେ ଜମିଦାର ରାଜାଙ୍କ ଦ୍ୱାରା ଖଜଣା କର ଆଦାୟ କରୁଥିଲେ। ଲୋକେ ରାଜ ଭୟରେ ବାଧ୍ୟ ହୋଇ କର ବାନ୍ଧୁଥିଲେ ନ ହେଲେ କାର୍ଯ୍ୟାନୁଷ୍ଠାନ ଜମି ବା ରାଜ୍ୟ ତାଲୁକ ନିଲାମ ହେଉଥିଲା ଅତଏବ ରାଜ ପ୍ରତିନିଧି ସଦା ଥିଲେ ଏବେ ଅଛନ୍ତି। ଜଣେ ରାଜ୍ୟ ମୁଖ୍ୟଙ୍କ ଯାତ୍ରାପଥରେ ଯେତେ ନିରାପତ୍ତାରକ୍ଷୀ କାମ କରନ୍ତି ତାଙ୍କର ଆଦେଶ ଜାହିର କରିବା ପାଇଁ ସେତେ ଦରକାର ନାହିଁ। ତାପରେ ମନ୍ତ୍ରଣା ଦାତାଙ୍କୁ ମୂଳ ଆଦେଶ ଦେଇ ତାହା କେମିତି କାମ କରିବ ଏହା ତାଙ୍କ ବୁଦ୍ଧି କରାମତିରେ କହିବାକୁ ପରାମର୍ଶ ଦେଇଥାନ୍ତି। ଦୂତ ବିଶ୍ୱାସର ପାତ୍ର ବା ଯାତ୍ରୀ, ସ୍ତ୍ରୀଲୋକ ଦୂତୀ କାର୍ଯ୍ୟ କରିପାରନ୍ତି। ରାଜ ଅନ୍ତଃପୁରର ଅଳି ଅଳି ରାଜକୁମାରୀ ସହ ଭିନ୍ନ ଦେଶର ରାଜକୁମାର ସମ୍ବନ୍ଧ ଦୂତୀମାନେ କରୁଥିଲେ। ହଂସଦୂତ, ମେଘଦୂତ ସମ୍ବନ୍ଧରେ ସଂସ୍କୃତ କାବ୍ୟରେ ଉଦାହରଣ ଅଛି, ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ମଧ୍ୟରେ ସମ୍ବନ୍ଧ ଦୂତୀଙ୍କ ଦ୍ୱାରା ହେଉଥିଲା। ଯୋଗବଳାଙ୍କ ମଧ୍ୟରେ ଦୂତୀ ଥିଲେ। ଦୂତୀ କାର୍ଯ୍ୟରେ ମାଲୁଣୀ, ବାରିକଆଣି, ଧୋବଣୀ ବ୍ୟବହାରରେ ଆସୁଥିଲେ। ପାରାପକ୍ଷୀ ଦୂତ କାର୍ଯ୍ୟ କରିବା ସମସ୍ତେ ଜାଣନ୍ତି। ଏବେ ମଧ ପାରାପକ୍ଷୀ ଦୂତ କାମରେ ଆସୁଛନ୍ତି। ନିମନ୍ତ୍ରଣ କରିବା କାର୍ଯ୍ୟ ଦୂତ ଦ୍ୱାରା କରାଯାଏ ଏ କାମ ନାପିତମାନେ ତୁଲାଉ ଥିଲେ। ଡାକ ବିଭାଗ ଦୂତକାର୍ଯ୍ୟ କରୁଛନ୍ତି। ପ୍ରେରକ ଗ୍ରାହକ ମଧ୍ୟରେ ଯୋଗସୂତ୍ର ଡାକ ବିଭାଗ କରି ଆସୁଛି। ମୁଦ ଚିଠି, ଖୋଲାଚିଠି, ବେରିଂ ଚିଠି, ରେଜେଷ୍ଟ୍ରି ଚିଠି, ପାର୍ସଲ, ମନିଅର୍ଡ଼ର ସବୁ ଗ୍ରାହକ ପାଇବା ଦୂତ ଦ୍ୱାରା ହିଁ ସାଧିତ ହେଉଛି। ଏବେ ଟେଲିଗ୍ରାମ ବାର୍ତ୍ତା। ବିଲୁପ୍ତ ମାତ୍ର ଦିନେ ଟେଲିଗ୍ରାମ ନେଇ ବାର୍ତ୍ତାବହ ମାନେ ଉଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦେଉଥିଲେ। ଯୁଦ୍ଧ ଭୂମିରେ କୂଟନୀତି ପ୍ରୟୋଗ ପାଇଁ ଦୂତ ପ୍ରେରଣ ହୁଏ। ଏହି ଦୂତମାନେ ମଧ ରକ୍ତପାତ ସମୟ ଅର୍ଥ କ୍ଷୟ, ବଳ କ୍ଷୟରୁ ତ୍ରାହି କରିପାରନ୍ତି। ମନ୍ତ୍ରପୁତ ତୀର ବି ଦୂତ କାମ କରେ । ତରଣୀ ସେନ ଓ ଶ୍ରୀରାମଙ୍କ ପ୍ରଥମ ତୀର ଏପରି ପ୍ରୟୋଗରେ ଥିଲା।

ଏସମୟରେ ମୋବାଇଲ ଫୋନ ଏ କାର୍ଯ୍ୟ ତୁଲାଉଛନ୍ତି ହେଲେ ଏଥିରେ ଗୋପନୀୟତାର ବିଶ୍ୱାସ ଲୁଟ ସମ୍ଭବନା ଆସିଗଲାଣି। ଯୁଗେ ଯୁଗେ ବିଶ୍ୱାସ ଘାତକ ଅଛନ୍ତି। ମନୁଷ୍ୟ ସ୍ୱ ସ୍ୱାର୍ଥ ପାଇଁ ପିଶାଚ ରାକ୍ଷସ ସମୟକୁ ହୋଇପାରେ ଏ ଯୁଗରେ ଏହାବାଦ ଯାଇନାହିଁ। ବିଶ୍ୱସନୀୟ ବ୍ୟକ୍ତି ବାଛିବା ଅତି କଠିନ। ତେବେ କିଛି ସତ୍ୟ ବି ରହିଛି ବୋଲି ଦୁନିଆ ତିଷ୍ଠି ରହିଛି। ଦୂତ ପ୍ରତିନିଧି ରାଜ କର୍ମଚାରୀ ରାଜାଙ୍କ ପରି ଶକ୍ତିଶାଳୀ ମୂଳ ଫାଇଲରୁ ଆଦେଶ ବିଳମ୍ବ ବା ନହୋଇ ପାରିବା ରାଜକର୍ମଚାରୀଙ୍କ ଦ୍ୱାରା ହିଁ ହୋଇପାରେ। ଫାଇଲ ଗାଏବ ଠିକ ସମୟକୁ ହୋଇପାରେ। ପୂର୍ବେ ଜାତିଆଣ ଭାବ ଟାଣ ଥିଲା, ଗ୍ରାମର ଚଉକିଆ ଜଣେ ତତ୍କାଳ ନିମ୍ନ ଜାତିର ବା ଭିନ୍ନ ଧର୍ମର ରହୁଥିଲେ ସେ ଯାଇ ଥାନାର ଦାରୋଗା ବା ମୁଖ୍ୟକର୍ତ୍ତାଙ୍କୁ ଗଣ୍ଡଗୋଳ କର୍ତ୍ତା, ଚୋର, ରାହାଜନୀକାରୀ ଅପରାଧି ଖବର ଜଣାନ୍ତି। ଥାନାରୁ ଚଉକିଆଙ୍କୁ ଆଦେଶ ମିଳିଥାଏ ଅଭିଯୁକ୍ତକୁ ଧରି ଥାନାକୁ ନେଇଯିବା ପାଇଁ। କାହାରି ଘରକୁ ତତ୍କାଳ ଚୌକିଆ ଗଲେ ତାକୁ ଘର ଅଟକ, ଜାତି ଅଟକ, କରାଯାଉଥିଲା। ନିଆଁ, ପାଣି ବନ୍ଦ କରାଯାଉଥିଲା। ଅତଏବ କେହି ଅପରାଧ ନକରିବା ପାଇଁ ଏକ ବଡ଼ ଉପାୟ ତତ୍କଳା ଥିଲା, ଚୌକିଆ ଗ୍ରାମକୁ ଆସିଲେ ଅତଏବ ଗ୍ରାମରେ ଜଳୁଥିଲା, ଯାହା ଏ ସମୟରେ ଖୋଦ ଏସ.ପି, ଡି.ଜି. ଆସିଲେ ବି ଏପରି ହେଉନାହିଁ। ଧର୍ମ ଭୟ ଓ ସାମାଜିକ ବନ୍ଧନ ଭୟ, ଅପରାଧିକରଣ ବିରୋଧି ଥିଲା। ରାଜ ପ୍ରତିନିଧି ଦୂତ ସମ୍ମାନନୀୟ, ପୁରାଣରେ ବିଭିନ୍ନ ପର୍ଯ୍ୟାୟରେ ଦୂତ ପ୍ରେରଣ କରାଯିବା ଉଦାହରଣ ଅଛି। ଇତିହାସରେ ଅଛି, ଏ ସମୟରେ ଏପରି ବିଭିନ୍ନ ପ୍ରକାରରେ କରାଯାଉଛି।

# କଳା ଅବତାର, ଅଂଶାବତାର ଓ ରାମାବତାର

**॥ ଡା.ଦିଲ୍ଲୀପ କୁମାର ମହାରଣା ॥**

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

**॥ ସୁଶାନ୍ତ ଭୂୟାଁ ॥**

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଲକ୍ଷ୍ମୀ ବସ ସହ ବାଇକ ଧକ୍କା ବାଇକ ଚାଳକ ଗୁରୁତର

ଆସିକା, (ମହାଭାରତ) : ଗଞ୍ଜାମ ଜିଲ୍ଲା ଆସିକା ଥାନା ନିରାଳ ଗ୍ରାମ ନିକଟରେ ଲକ୍ଷ୍ମୀ ବସ ସହ ବାଇକ ମୁହାଁମୁହିଁ ଧକ୍କା । ଦୁର୍ଘଟଣା ରେ ବାଇକ ଚାଳକ ରିଷିପୁର ଗ୍ରାମର ସିଲୁ ଗୌଡ଼ (୨୨) ନାମକ ଯୁବକ ଗୁରୁତର ହୋଇଛନ୍ତି କ୍ଷ ସୂଚନା ଅନୁସାରେ ସକାଳ ପ୍ରାୟ ୮ଘଣ୍ଟା ସମୟରେ ସିଲୁ ନିଜ ବାଇକ ଯୋଗେ ନିଜ ଗ୍ରାମରୁ ଆସିକା ଅଭିମୁଖେ ଆସୁଥିବା ସମୟରେ ଆସିକାରୁ ମୁନିଗାଡ଼ି ରୁଟରେ ଯାଉଥିବା ଲକ୍ଷ୍ମୀ ବସ ସହ ନିରାଳ ଓ ରିଷିପୁର ଗ୍ରାମ ମସାଣି ନିକଟରେ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସ ଟିର ସମ୍ମୁଖ ଭାଗ ଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଯାଇଛି।



ଦୁର୍ଘଟଣା ପରେ ସିଲୁ ରାସ୍ତା ଉପରେ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ। ସଆସିକା ପୋଲିସ ଉଧାରକାରୀ ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲେ। ଏଠାରେ ସିଲୁ ର ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାକୁ ବ୍ରହ୍ମପୁର ସ୍ଥିତ ଏମକେସିଜି ମିଡିକାଲ କୁ ସ୍ଥାନାନ୍ତର ଓ ପରେ ଭୁବନେଶ୍ୱର ମେଡିକାଲ କୁ ସ୍ଥାନନତରିତ କରାଯାଇଛି।ଏ ଘଟଣା ସମ୍ପର୍କରେ ସିଲୁ ର ଭାଇ ଟିଲୁ ଗୌଡ଼ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟ ପଟେ ଲକ୍ଷ୍ମୀ ବସ ଡ୍ରାଇଭର ରବୀନ୍ଦ୍ର କୁମାର ଦାସ ଆସିକା ଥାନାରେ ଆତ୍ମସମର୍ପଣ କରିଥିବା ସୂଚନା ରହିଛି।

## ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ରାଷ୍ଟ୍ରୀୟ ବଜରଙ୍ଗ ଦଳର ବୀର୍ ହିନ୍ଦୁ ବିଜେତା ହିନ୍ଦୁ ,ରାଜ୍ୟ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ



ଅନୁଗୋଳ, (ମହାଭାରତ) : ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଯୁବା ସଂଗଠନ ରାଷ୍ଟ୍ରୀୟ ବଜରଙ୍ଗ ଦଳର ବୀର୍ ହିନ୍ଦୁ ବିଜେତା ହିନ୍ଦୁ ,ରାଜ୍ୟ ପ୍ରଶିକ୍ଷଣ ବର୍ଗ ୨୦୨୫ ଅନୁଗୋଳ ଚଣ୍ଡିଖମଣ ଠାରେ ୧୫.୫.୨୦୨୫ ରିଖ ଠାରୁ ଆରମ୍ଭ ହୋଇ ୧୮.୫.୨୦୨୫ ରିଖ ଉଦଯାପନ ହୋଇଛି । ସମଗ୍ର ଓଡିଶା ରାଜ୍ୟରୁ ଶତାଧିକ ପ୍ରଶିକ୍ଷାର୍ଥି ପ୍ରଶିକ୍ଷଣ ବର୍ଗରେ ଯୋଗ ଦେଇ ଶାରୀରିକ ଓ ବୈଦିକ ବିକାଶ କିପରି ହେବ ତାହା ଶିକ୍ଷାପ୍ରାପ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ରାଷ୍ଟ୍ରୀୟ ମହାମନ୍ତ୍ରୀ ମାନନୀୟ ଦେବେସ ଉପାଧ୍ୟାୟ ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ମନୋଜ କୁମାର ସାହୁ, ରାଷ୍ଟ୍ରୀୟ ବିଦ୍ୟାର୍ଥୀ ପରିଷଦ କ୍ଷେତ୍ରର ସଭାପତି ମାନନୀୟ ଯତୀନ କୁମାର ସ୍ୱାଇଁ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ରାଜ୍ୟ ସଭାପତି ଦୀପକ ମହାନ୍ତ, ଉପସଭାପତି ଗିରିଜା ଶଙ୍କର ନନ୍ଦ, ସମ୍ପାଦକ ଚିନ୍ମୟ ସାମଲ, ସମ୍ପାଦକ ଦୀନବନ୍ଧୁ ଭାଇ, ଅନୁଗୋଳ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ମହାପାତ୍ର ତଥା ଆସାମ ପ୍ରଦେଶରୁ ଚାରିଜଣ ପ୍ରଶିକ୍ଷକଏହି ବର୍ଗକୁ ସଂଚାଳନ କରିବା ସହ ମାର୍ଗଦର୍ଶନ କରିଥିଲେ। ସମଗ୍ର ଓଡ଼ିଶାରୁ ଆସିଥିବା ପ୍ରଶିକ୍ଷାର୍ଥୀ ମାନଙ୍କର ସମସ୍ତ ବ୍ୟବସ୍ଥା ଅନୁଗୋଳର କାର୍ଯ୍ୟକର୍ତ୍ତା ସଞ୍ଜୟ ଭାଇ, ସୌମ୍ୟ ଭାଇ, ପଙ୍କଜ ଭାଇ, ଅକ୍ଷୟ ଭାଇ, ହାଡ଼ି ଭାଇ ପ୍ରମୁଖ ପ୍ରତ୍ୟେକ ତତ୍ୱାବଧାନରେ ପ୍ରଶିକ୍ଷଣ ବର୍ଗ ୨୦୨୫ ସମାପନ ହୋଇଯାଇଛି ।

## ସାମ୍ବାଦିକ ସଂଘ ପକ୍ଷରୁ ମୃତ ସୁଭଦ୍ରା ପଦିଲିଙ୍କ ପରିବାର ବର୍ଗଙ୍କୁ ସମବେଦନା ଓ ସହାୟତା ରାଶି ପ୍ରଦାନ



ଅନୁଗୋଳ, (ମହାଭାରତ) : ତାଳଚେର ରେଲୱେ ଷ୍ଟେସନରୁ ତାଳଚେର ରୋଡ଼ ରେଲୱେ ଷ୍ଟେସନ ଅଟୋ ଯୋଗେ କଣିହାଁ ଲୋଧାଝରୀ ଗ୍ରାମର ସୁଭଦ୍ରା ପଦିଲି ଯାଉଥିବା ବେଳେ ଅଟୋ ଚାଳକ ବିଶୁ ଗୋଛାୟତ ଅପହରଣ କରି ନେଇ ଶାରୀରିକ ନିର୍ଯାତନା, ଦୁଷ୍କର୍ମ କରିବା ସହ ଚୁନିରେ ତଣ୍ଟି ଚିପି ଅତି ନୃଶଂସ ଭାବରେ ହତ୍ୟା କରି ମହାରାଷ୍ଟ୍ର ଫେରାର ହୋଇ ଯାଇଥିଲା. ଅନୁଗୋଳ ଏସପି ରାହୁଲ ଜୈନଙ୍କ ନିର୍ଦ୍ଦେଶ କ୍ରମେ ଏକାଧିକ ଟିମ ଗଠନ କରି ନାସିକ, ଆନ୍ଧ୍ର ପ୍ରଦେଶ, ଗୁଜୁରାଟ, ମହାରାଷ୍ଟ୍ର, ଓଡିଶାରେ ଅଭିଯୁକ୍ତ ବିଶୁ ଗୋଛାୟତ ଙ୍କୁ ଧରିବା ପାଇଁ ଯୋଜନା କରିଥିଲେ। ଦୁଇ ଦିନ ତଳେ ଅଭିଯୁକ୍ତ କୁ ଗିରଫ କରି ଗତକାଲି ସ୍କିନ ରିକ୍ରେସନ କରିଥିଲେ । ଆଜି ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ଅଜିତ କୁମାର ଧର ଓ ଉପ ସଭାପତି ସୁଧାକର ସାହୁଙ୍କ ନେତୃତ୍ୱରେ ସଦସ୍ୟ ପ୍ରମୁଖ ସୁଭଦ୍ରାଙ୍କ ଘରକୁ ଗ୍ରସ୍ତ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । ଏହା ସହ ସୁଭଦ୍ରା ଙ୍କ ବାପା ଓ ଭାଇଙ୍କ ସହ ସଭାପତି ଓ ସଦସ୍ୟ ପ୍ରମୁଖ ବିସ୍ତୃତ ଆଲୋଚନା କରିବା କରିଥିଲେ । ବାପାଙ୍କ କହିବା ଅନୁଯାୟୀ ଗିରଫ ଅଭିଯୁକ୍ତଙ୍କୁ କଠୋର ରୁ କଠୋର ଦଣ୍ଡ ବିଧାନ ସ୍ୱରୂପ ଫାଶୀ ଦଣ୍ଡ ଦିଆଯାଉ, ଏହା ଦ୍ୱାରା ମୋ ଝିଅ ନ୍ୟାୟ ପାଇବ । ରେଲୱେ ମହିଳା ଅଧିକାରିଣୀଙ୍କ ଅବହେଳା, ଅଭିଯୁକ୍ତକୁ ଛାଡିବା, ଗାଳି ଗୁଲଜ କରିବା କୁ କେନ୍ଦ୍ର କରି ଆଇନ ଅନୁଯାୟୀ ତାଙ୍କୁ ଚାକିରୀ ରୁ ବହିଷ୍କାର କରାଯାଉ।

# ଠିକାଦାର-ବିଭାଗର ଚୋରା ପୀରତି, ଭାଙ୍ଗିଲା ନଦୀ ବନ୍ଧ

ଅସ୍ତରଙ୍ଗ, (ମହାଭାରତ) : ନଦୀ ବନ୍ଧ ସୁରକ୍ଷା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ର ବ୍ୟେୟ ଅଟକଳ କରିବା ସହିତ ବିଭିନ୍ନ ସ୍ଥାନରେ ଅନେକ ଯୋଜନା କୁ ନଦୀ ବନ୍ଧ ସହିତ ଅନ୍ତର୍ଭୁକ୍ତ କରି ଏହି କାର୍ଯ୍ୟ କୁ ଜଳପ୍ରକଳ୍ପ ବିଭାଗ ମାଧ୍ୟମ ରେ ଟେଣ୍ଡର କରି କିଛି ଠିକାସଂସ୍ଥା କୁ ପ୍ରଦାନ କରନ୍ତି, ମାତ୍ର ପ୍ରକୃତ ରେ ଉକ୍ତ ଠିକାସଂସ୍ଥା ଏହି କାର୍ଯ୍ୟ କୁ ସଠିକ ଭାବେ କରୁଛି କି ନାହିଁ ତାହାକୁ ବିଭାଗ ତଦାରଖ କରୁନାହିଁ, ଯଦି ବିଭାଗ ଉକ୍ତ କାର୍ଯ୍ୟ କୁ ସଠିକ ଭାବେ ତଦାରଖ କରିଥାନ୍ତା ତାହେଲେ ଆଜି ଅସ୍ତରଙ୍ଗ ବ୍ଲକ ବଳଭଦ୍ରପୁର ରୁ ସଅନ ପର୍ଯ୍ୟନ୍ତ ହୋଇଥିବା ନଦୀ ବନ୍ଧ ଅଦିନିଆ ବର୍ଷା ରେ ଭାଙ୍ଗିନଥାନ୍ତା,ବଳଭଦ୍ରପୁର ରୁ ସଅନ ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ଯାହା ମାତ୍ର ୧ ମାସ ତଳେ ନିର୍ମାଣ କରାଯାଇଛି, ଏହି ନଦୀ ବନ୍ଧ ଯାହା ନଦୀ ତଟ ଅଞ୍ଚଳ ର ସୁରକ୍ଷା ବନ୍ଧ ଭାବେ ପରିଚିତ ମାତ୍ର ଗତକାଲି କାଳବୈଶାଖୀ ପ୍ରଭାବ ରେ ହୋଇଥିବା ଅଦିନିଆ ବର୍ଷା ଯୋଗୁ ଏହିଭଳି ଅବସ୍ଥା ସାମ୍ନା କୁ ଆସିଛି, ଯାହା ଏହି ନଦୀ ବନ୍ଧ କେତେ ସୁରକ୍ଷିତ ଯାହାକୁ ନେଇ



ବୁଦ୍ଧିଜୀବୀ ମହଲ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି, ଶୁଣିବାକୁ ମିଳୁଛି ଏହା ହାରାହାରି ୫୦ ଲକ୍ଷ ଟଙ୍କା ର କାମ, ନଦୀ ବନ୍ଧ ରେ ପଥର ସୋଲିଙ୍ଗ ସହ ନାଳି ମରମ୍ ପକାଯାଇ ଏହି ବନ୍ଧ ନିର୍ମାଣ କରାଯାଇଛି, ସ୍ଥାନୀୟ ଲୋକ ଙ୍କ କହିବା ମୁତାବକ ଏହି ଅଞ୍ଚଳ ଏକ ଲୁଣା ମୃତ୍ତିକା ଯୁକ୍ତ, ବନ୍ଧ କାର୍ଯ୍ୟ ହେବାବେଳେ ଠିକାସଂସ୍ଥା ଏହି ଅଞ୍ଚଳ ରୁ ପଙ୍କୁଆ ଲୁଣା ମାଟି ଉଠାଇ ଏହି ବନ୍ଧ ନିର୍ମାଣ କରିଛନ୍ତି, ଯେତିକି ଉଚ୍ଚତା ରେ ନାଳି ମରମ୍ ପଡିବା କଥା ସେତିକି ଉଚ୍ଚତା ରୁ କମ ବ୍ୟବଧାନ ରେ ଏହି ମାଟି ପଡିଛି, ଯେଉଁ ପଥର ସୋଲିଙ୍ଗ କରାଯାଇଛି ଏହା ୨ ନମ୍ବର ଆଉ ଧଳା ପଥର ୭୦% ଲଗାଯାଇଛି, ଯାହା ଆଖିକୁ ସୁନ୍ଦର ହେଇପାରେ ମାତ୍ର ମୂଳଦୁଆ ସମ୍ପୂର୍ଣ୍ଣ ନିମ୍ନମାନର, ଯାହାକି ଫଳରେ ନିର୍ମାଣ ହୋଇଥିବା ଏହି ବନ୍ଧ ଅଦିନିଆ ବର୍ଷା ରେ ଫାଟି ଆଁ ମେଲା କରିବା ସହିତ ବନ୍ଧ ସଂଯୋଗୀ କରଣ ପିଲାର ମଧ୍ୟ ଭାଙ୍ଗି ଯାଇଛି,ଅସ୍ତରଙ୍ଗ ଉପକୂଳ ଅଞ୍ଚଳ ଏକ ପ୍ରାକୃତିକ ଦୁର୍ବିପାକ ବା ସୁନାମି ପ୍ରପୀଡ଼ିତ ଅଞ୍ଚଳ ବୋଲି ଘୋଷଣା ହୋଇଛି, ପ୍ରତ୍ୟେକ ବର୍ଷ ଏହି ଅଞ୍ଚଳ ରେ ସାମୁଦ୍ରିକ ବାତ୍ୟା ବନ୍ୟା ହେଇ ସାଧାରଣ ଲୋକ ଙ୍କ ଧନ ଜୀବନ କୁ ନଷ୍ଟ କରେ, ସେଥିପାଇଁ ଲୋକ ଙ୍କୁ ସୁରକ୍ଷା ଦେବାଲାଗି ସରକାର ନଦୀ ବନ୍ଧ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ଅର୍ଥ ଅଟକଳ କରୁଛନ୍ତି ମାତ୍ର ଠିକାଦାର ଓ ବିଭାଗ ର ମଧୁଚନ୍ଦ୍ରିକା ପାଇଁ ସାମ୍ନା କୁ ଆସିଛି ଏହି ଅନ୍ଧାରୁଆ କାମ ର ନଗ୍ନ ଦୃଶ୍ୟ, ଏଥିରୁ ସ୍ପଷ୍ଟ ଜଣାପଡୁଛି ସରକାର ଙ୍କ ଅର୍ଥ କୁ କିପରି ବିଭାଗ ଓ ଠିକାସଂସ୍ଥା ହରିଲୁଟ କରୁଛନ୍ତି, ବଳଭଦ୍ରପୁର ରୁ ସଅନ ଏହି ରାସ୍ତା ଆଜି ପ୍ରମାଣିତ କରୁଛି ଏହି କାର୍ଯ୍ୟ କୁ କେତେ ନିମ୍ନ ମାନର ! ଯାହାକି ଫଳରେ ଉଚ୍ଚସ୍ତରୀୟ ତଦନ୍ତ ସହିତ ଭିଜିଲାନ୍ସ ତଦନ୍ତ ଲାଗି ବୁଦ୍ଧିଜୀବୀ ମହଲ ରେ ଦାବୀ କରାଯାଇଛି ।

## ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଖୋଲା ଖୋଲି ଅବମାନନା

ଅନୁଗୋଳ, (ମହାଭାରତ) : ସୁଶ୍ରୀ ରେଣୁବାଳା ସାହୁ ଗତ ୨୦୦୧ ମସିହାରେ ଅନୁଗୋଳର ବଳାରାମପ୍ରସାଦ ଗ୍ରାମରେ ପୁଣ୍ୟକ୍ଷଶ୍ରମ ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ପ୍ରତିଷ୍ଠାକରି ଏହି ସଂଗଠନ ପକ୍ଷରୁ ଅନୁଗୋଳ ଜିଲ୍ଲାର ଏକମାତ୍ର ଦୃଷ୍ଟିହୀନ ଓ ମୂକ - ବଧିର ଆବାସିକ ବିଦ୍ୟାଳୟ ବଳରାମ ପ୍ରସାଦ ଗ୍ରାମରେ ସ୍ଥାପନ କରି ସେହି ଜିଲ୍ଲାର ଗରିବ ଅବହେଳିତ ଦୃଷ୍ଟିହୀନ ଓ ମୂକ - ବଧିର ଛାତ୍ରଛାତ୍ରୀଙ୍କୁ ଶିକ୍ଷଦାନ କରି ଆସୁଛନ୍ତି। ଏହି ବିଦ୍ୟାଳୟ କୁ ସରକାର ହାତକୁ ନେଇଯିବେ କହି ଲୋଭ ଦେଖାଇ ଉକ୍ତ ବିଦ୍ୟାଳୟ ର ପରିଚାଳନା ଦାୟିତ୍ୱ ଅନୁଗୋଳ ଜିଲ୍ଲା ରେଡ଼କ୍ରସ ପକ୍ଷରୁ ହାତକୁ ନିଆଯାଇ ଗୀତା ଗ୍ରାମ ଠାରେ ଏକ ପରିତ୍ୟକ୍ତ ବିଦ୍ୟାଳୟ ଗୃହ ରେ ଏହି ଆବାସିକ ବିଦ୍ୟାଳୟ ଚଳାଇବା ପାଇଁ ଅନୁଗୋଳ ଜିଲ୍ଲା ପ୍ରଶାସନ ନିଷ୍ପତି ନେବା ପ୍ରତିବାଦ ରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ପୂନ୍ୟାଶ୍ରମ ପ୍ରତିଷ୍ଠାତା ସୁଶ୍ରୀ ରେଣୁ ବାଳକ୍ଷ ସାହୁ ମାନ୍ୟବର ଉଚ୍ଚ ନ୍ୟାୟଳୟ ନିକଟରେ କେସ ନମ୍ବର ୫୫୦୯ ଓ୨୦୨୩ ଦାଖଲ କରିଥିଲେ କ୍ଷ ୨୦୨୪ ଅଗଷ୍ଟ ୧୩ ତାରିଖ ରେ ଏକ ମକଦମକ୍ଷ ର ଶୁଣାଣି କରି ନ୍ୟାୟ ମୂର୍ତ୍ତି ଏସ .କେ . ପାଣିଗ୍ରାହୀ ବିଦ୍ୟାଳୟ ପରିଚାଳନା ଦାୟିତ୍ୱ ପୁଣ୍ୟାଶ୍ରମ କୁ ହସ୍ତାନ୍ତର କରିବାକୁ ଅନୁଗୋଳ ଜିଲ୍ଲାପାଳ ଓ ଜିଲ୍ଲା ରେଡ଼କ୍ରସ ସୋସାଇଟ୍ କୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଏହି ନିର୍ଦ୍ଦେଶ ର ଅନୁପାଳନ ନ ହେବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପୁଣ୍ୟାଶ୍ରମ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ଅନୁରୋଧ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଏହି ଅଭିଯୋଗ ପତ୍ର ର ସମାଧାନ ପାଇଁ ଅନୁଗୋଳ ଜିଲ୍ଲାପାଳ ଙ୍କୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ବିଦ୍ୟାଳୟ ପରିଚାଳନା ଦାୟିତ୍ୱ ପୁଣ୍ୟାଶ୍ରମକୁ ନ ଫେରାଇବା ପାଇଁ ଉତ୍ତର ଲେଖି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନୁଗୋଳ ଶ୍ରୀ ନାରାୟଣ ମହାପାତ୍ର ଉଚ୍ଚ ନ୍ୟାୟାଳୟ ର ନିର୍ଦ୍ଦେଶ କୁ ଖୋଲା ଖୋଲି ଅବମାନନା କରିଛନ୍ତି ବୋଲି ପୁଣ୍ୟକ୍ଷଶ୍ରମ ର ପ୍ରତିଷ୍ଠାତା ସୁଶ୍ରୀ ରେଣୁ ବାଳକ୍ଷ ସାହୁ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ୧୪।୫ରେ ଜିଲ୍ଲାପାଳଙ୍କ ଶୁଣାଣୀ ଥିବାବେଳେ ଜିଲ୍ଲାପାଳ ଙ୍କ ଠାରୁ ନିରାସ ହୋଇ ସାମ୍ବାଦିକ ସମ୍ମିଳନୀ କରି ନ୍ୟାୟ ପାଇଁ ଗଣମାଧ୍ୟମ ଜରିଆରେ ଦୁଃଖର ସହ ପ୍ରକାଶ କରିଛନ୍ତି।

## ପଲ୍ଲୀ ରେ ପ୍ରଶାସନ

ଗୁଣୁପୁରୁ, (ମହାଭାରତ) : ଗୁଣୁପୁର ବ୍ଲକ୍ ଫୁଟାସିଂ ପଞ୍ଚାୟତ ବୁଲିଦେଖିଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତାଙ୍କ ଟିମ୍ । ଆଜି ଉକ୍ତ ପଞ୍ଚାୟତ ରେ ଯୁଗ୍ମ ଅଭିଯୋଗ ଶୁଣାଣୀ ରହିଥିଲା। ଅଭିଯୋଗ ଶୁଣାଣୀ ପରେ ଅଧିକାରି ଗଣ ଉକ୍ତ ଅଞ୍ଚଳ ର ମେନେଙ୍ଗୁଲୁ , କୁମ୍ଭୁଲୁସିଂ, ବସେନ୍ ଗର୍ଜଙ୍ଗ , ଜଙ୍ଘଜଙ୍ଗ ଇତ୍ୟାଦି ଗ୍ରାମ ଗୁଡ଼ିକ ବୁଲିଦେଖିବା ସହ ଗ୍ରାମର ଆବାସ ଗୃହ, ଅଙ୍ଗନବାଡି କେନ୍ଦ୍ର, ପାନୀୟ ଜଳ, ରାସ୍ତା ଘାଟ ଓ ଅନ୍ୟାନ୍ୟ ସମସ୍ୟା ସହ ଉନ୍ନତି ମୂଳକ କାର୍ଯ୍ୟକୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ସହକାରୀ ନିର୍ବାହୀ ଯନ୍ତ୍ରୀ ହରେ କୃଷ୍ଣ ପଣ୍ଡା, ଗ୍ରାମ ପଞ୍ଚାୟତ ଅଧିକାରି ପି ଦିବାକର , ପଞ୍ଚାୟତ ନିର୍ବାହୀ ଅଧିକାରି ଦୟା ଶବର , ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ମାଧବ ନାରାୟଣ ମଙ୍ଗରାଜ । କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ କିଶୋର ଖିଲାର ପ୍ରମୂଖ ଉକ୍ତ ଅଞ୍ଚଳ ବୁଲି ଦେଖିଥିଲେ । ଏହି ଅବସରରେ ଉକ୍ତ ଅଞ୍ଚଳର ଜନପ୍ରତିନିଧି ଭାବେ ସରପଞ୍ଚ ଏସିଅ ଶବର ରହିଥିଲେ।

## ନିର୍ବାହୀ ଅଧିକାରୀଙ୍କ ଖୋଲୁଛି ଏନ୍ଏସି ଅଫିସ୍ ଗୁମର

ଖଣ୍ଡପଡ଼ା, (ମହାଭାରତ) : ଗତ ଦୁଇଦିନ ତଳେ ବିଲ୍ କରାଇଦେବାକୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଖଣ୍ଡପଡ଼ା ଏନ୍ଏସି ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ। ତେବେ ଶ୍ରୀ ଧଳଙ୍କୁ ଭିଜିଲାନ୍ସ ବାନ୍ଧିବା ପରେ ଏବେ ଧୀରେ ଧୀରେ ଏନ୍ ?ଏସି ଅଫିସ୍ ଗୁମର ଖୋଲୁଥିବା ସୂଚନା ମିଳିଛି। ପ୍ରାୟ ୧୯ ମାସ କାର୍ଯ୍ୟ ଭିତରେ କରିତକର୍ମା ଅଧିକାରୀ ଜଣକ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏକପ୍ରକାର ରାଜ୍ କରିଆସୁଥିଲେ। ୨୦୨୩ ନଭେମ୍ବର ମାସରେ କାର୍ଯ୍ୟରେ ଯୋଗ ଦେଇଥିଲେ। ତେବେ ଆସୁ ଆସୁ ବିଚିତ୍ର ନିଷ୍ପତ୍ତି ନେଇ ଚର୍ଚ୍ଚାରେ ରହିଥିଲେ ଶ୍ରୀ ଧଳ। ଖଣ୍ଡପଡ଼ା ଭଳି ଛୋଟ ଏନ୍ ?ଏସିର ଆୟ ବହୁତ କମ୍ ଥିବାବେଳେ ନିଜେ ବୁଲିବା ପାଇଁ ମାସକୁ ହଜାର ହଜାର ଟଙ୍କା ବ୍ୟୟରେ ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା କରିଥିଲେ। ଏପରିକି କ୍ୱାର୍ଟର ପୁନର୍ନିର୍ମାଣ ଓ ସାଜସଜ୍ଜାରେ ଲକ୍ଷାଧିକ ଅର୍ଥ ବ୍ୟୟ କରି ଚର୍ଚ୍ଚାରେ ଥିଲେ। ତେବେ ଉନ୍ନୟନ ମୂଳକ କାର୍ଯ୍ୟରେ ମାତ୍ରାଧିକ ପିସି ଆଦାୟ କରିବାର ସବୁ ସୀମା ଟପିଥିଲେ ଶ୍ରୀ ଧଳ। ପ୍ରାୟ ଦୁଇ ବର୍ଷ ହେବ ଖଣ୍ଡପଡ଼ା ଏନ୍ ଏସିରେ ରାଜନୈତିକ ଅସ୍ଥିରତା ଲାଗିରହିଥିବା ବେଳେ ଫାଇଦା ନେଉଥିଲେ ନିର୍ବାହୀ ଅଧିକାରୀ। ସହରାଞ୍ଚଳର ସବୁ ଉନ୍ନୟନ ମୂଳକ କାର୍ଯ୍ୟରୁ ପିସି ଆଦାୟ ପାଇଁ ଜନୈକ ତଳିଆ କର୍ମଚାରୀଙ୍କୁ ସାମିଲ୍ କରିଥିବା ଠିକାଦାର ମାନଙ୍କ ସୂତ୍ରରୁ ସୂଚନା ମିଳିଛି। କାମରେ ଯୋଗଦେବା ପରଠାରୁ ଗତ ୧୯ ମାସ ହେବ ସ୍ମାର୍ଟ ପାର୍କ, ଆଦର୍ଶ ଶ୍ମଶାନ, ସୁନାମୁହିଁ ଭେଣ୍ଡିଂ ଜୋନ, ପରିବା ମଣ୍ଡି, କଂସେଇଖାନା, ଏନ୍ଏସିର ନୂତନ କାର୍ଯ୍ୟାଳୟ, ବହୁମୁଖୀ ହଲ୍ ଆଦି ଏକାଧିକ ବଡ଼ ପ୍ରକଳ୍ପ ଅବସ୍ଥା ସଙ୍ଗିନ ହୋଇଛି। କେଉଁଠି କାମ ଅଧାରେ ଅଟକିଛି ତ କେଉଁ ପ୍ରକଳ୍ପ ପାଇଁ ଜମି ଚିହ୍ନଟ ମଧ୍ୟ ହୋଇପାରିନାହିଁ। ଫଳରେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଖଣ୍ଡପଡ଼ା ଏନ୍ଏସି ବିକାଶ ଦିଗରେ ଆଗେଇବା ବଦଳରେ ଫଳକରେ ସୀମିତ ରହିଯାଇଥିବା ସହରାଞ୍ଚଳବାସୀ କୁହନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏସବୁ ଦିଗରେ କାମ କରିବା ବଦଳରେ ଶ୍ରୀ ଧଳ ନେଟ୍ୱାର୍କ ବିଜିନେସକୁ ଅଧିକ ସମୟ ଦେଇ ଏହାକୁ ପ୍ରତ୍ୟକ୍ଷ ଭାବେ ଚଳାଇଆସୁଥିବା ସୂଚନା ମିଳିଛି।

## ଚନ୍ଦ୍ରପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର

ଚନ୍ଦ୍ରପୁର /ଗୁଣପୁର/ରାୟଗଡ, (ମହାଭାରତ) : ଚନ୍ଦ୍ରପୁର ବ୍ଲକ ସଦଭାବନା ସଭାଗୃହ ରେ ଜିଲ୍ଲାପାଳ, ରାୟଗଡ଼ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶକ୍ରମେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା, ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ। ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ୱାବଧାନ ରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୧୫ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୦୮ଟି ବ୍ୟକ୍ତିଗତ, ୦୭ଟି ସାମୁହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଦରଖାସ୍ତ ପାଇବା ପରେ ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ





ଶିବିରରେ ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଗୁଣପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦାମୋଦର ପାଣିଗ୍ରାହୀ, ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ପ୍ରଗ୍ରାମ ଅଧିକାରୀ କଳ୍ପନା ମହାଙ୍କଡ଼ ଏବଂ ଅନ୍ୟାନ୍ୟ ଅଧିକାରୀ ଯୋଗଦାନ କରି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ କ୍ଷ ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ଚନ୍ଦ୍ରପୁର ଥାନା ଅଧିକାରୀ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

## ଓଡିଶା ସାମ୍ବାଦିକ ସଙ୍ଘ ପାରାଦୀପ ଶାଖାର କାର୍ଯ୍ୟକାରିଣୀ ବୈଠକ

ପାରାଦୀପ, (ମହାଭାରତ) : ଓଡିଶା ସାମ୍ବାଦିକ ସଙ୍ଘ (ଓଜେୟୁ) ପାରାଦୀପ ଶାଖାର କାର୍ଯ୍ୟକାରିଣୀ ବୈଠକ ନୂଆବଜାର ସ୍ଥିତ ସଙ୍ଘ କାର୍ଯ୍ୟାଳୟ ଠାରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଓଜେୟୁ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଓଜେୟୁ ରାଜ୍ୟ ସଭାପତି ଶଶି ଭୂଷଣ ପ୍ରହରାଜ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର କୁମାର ବିଶ୍ୱାଳ ଯୋଗ ଦେଇଥଲେ। ସାମ୍ବାଦିକ ମାନଙ୍କର ବୃତ୍ତିଗତ, ଅର୍ଥନୈତିକ, ପାରିବାରିକ, ସାମାଜିକ ଆଦି ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ପାଇଁ ଆଲୋଚନା କରିବା ସହ ସମସ୍ତ ସାମ୍ବାଦିକ ଏକଜୁଟ ହୋଇ ସରକାରଙ୍କ ନିକଟରର ଦାବି ହାସଲ କରିବା





ସମ୍ପର୍କରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରହରାଜ ଆଲୋଚନା କରିଥିଲେ । ପାରାଦୀପ ସଙ୍ଗଠନକୁ କିଭଳି ସୁଦୃଢ କରାଯିବ, ଆଗକୁ ପାରାଦୀପ ୟୁନିଟ୍ର ର ସମସ୍ତ ସାମ୍ବାଦିକ ଭାଇ ମାନଙ୍କର କିଭଳି ସହଯୋଗ ଜାରି ରହିବ ସେ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ କୁ ସାମ୍ବାଦିକ ଆଲୋକ ଚନ୍ଦ୍ର ମହାପାତ୍ର ପରିଚାଳନା କରିଥିବା ବେଳେ ସମୀର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଓଜେୟୁ ପାରାଦୀପ ଶାଖାର ନୂତନ କର୍ମକର୍ତ୍ତା ଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ କର୍ମେଶ୍ୱର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଆଲୋକ ମହାପାତ୍ର, ଉପସଭାପତି ପ୍ରଶାନ୍ତ ଦାସ, ସାଧାରଣ ସମ୍ପାଦକ ସମୀର କୁମାର ମହାନ୍ତି, ସହ-ସମ୍ପାଦକ ସନ୍ତୋଷ କୁମାର ବେହେରା, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ସାହୁ, କୋଷାଧକ୍ଷ ଗୋବିନ୍ଦ ନାଥ, ସେହିପରି ଉପଦେଷ୍ଟା ମଣ୍ଡଳୀ ରେ ଅଜିତ କୁମାର ଦାସ, ଚିତ୍ତ ରଞ୍ଜନ ସ୍ୱାଇଁ, ବସନ୍ତ କୁମାର ସାହୁ, ବଟକୃଷ୍ଣ ଦାସ, ସୁଶୀଲ କୁମାର ପଟ୍ଟନାୟକ ସ୍ଥାନ ପାଇଥିବା ବେଳେ କାର୍ଯ୍ୟକାରୀ କମିଟିରେ ଦେବଦତ୍ତ ସାମନ୍ତରାୟ, ନିରଞ୍ଜନ ଆଚାର୍ଯ୍ୟ, ପୁରୁଷୋତ୍ତମ ଶତପଥୀ, ତ୍ରିଲୋଚନ ସ୍ୱାଇଁ ଓ ପ୍ରଭାତ କୁମାର ମହାପାତ୍ର ଏବଂ ଆଇନି ଉପଦେଷ୍ଟା ଭାବେ ଅରୁଣ କୁମାର ସ୍ୱାଇଁଙ୍କ ନାମ ସ୍ଥାନ ପାଇଛି।

## ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟିଲେ ସାଂସଦଙ୍କ ବ୍ଲକ ପ୍ରତିନିଧି ଓ ଜିଲ୍ଲା ପ୍ରତିନିଧି

ଗଣିଆ,(ମହାଭାରତ): କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଗଣିଆ ବ୍ଲକ ପ୍ରତିନିଧି ଶରତ କୁମାର କର ଓ ଗଣିଆ ମଣ୍ଡଳର ଜିଲ୍ଲା ପ୍ରତିନିଧି ତଥା ଗଣିଆ ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ଅନ୍ତଯ୍ୟାମି ମିଶ୍ର ଗଣିଆ ବ୍ଲକ ସ୍ଥିତ ରାସଙ୍ଗ ପଂଚାୟତର ଡଙ୍କାରିସାହି ଗ୍ରାମରେ ପହଂଚି ଅଗ୍ନିକାଣ୍ଡରେ ବେସହରା ଅଗ୍ନି ବିପନ୍ନ ପରିବାରକୁ ଭେଟିଥିଲେ । ବିପନ୍ନ ପରିବାରଙ୍କୁ ସମବେଦନା ଜଣାଇବା ସହିତ ଶୁଖିଲା ଖାଦ୍ୟ, ବସ୍ତ୍ର ଓ ନିତ୍ୟ ବ୍ୟବହାର ଜିନିଷ ପ୍ରଦାନ କରିଥିଲେ । ବିଜେପି କାର୍ଯ୍ୟକର୍ତ୍ତା ପ୍ରକାଶ ବେହେରା ଙ୍କ ସମେତ ଡ଼ଙ୍କାରୀସାହି ଗ୍ରାମର କିଛି ଗ୍ରାମବାସୀ ଉପସ୍ଥିତ ରହି ବିପତ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ । ସୁଚନା ଥାଉକି ଗତ ଶନିବାର ଅପରାହ୍ନରେ ଗଣିଆ ବ୍ଲକ ଅନ୍ତର୍ଗତ ରାସଙ୍ଗ ପଂଚାୟତର ଡଙ୍କାରିସାହି ଗ୍ରାମରେ ନିଆଁ ଲାଗି ୨ବଖରା ଘର ଭସ୍ମୀଭୁତ ହୋଇଯାଇଥିଲା । ଡଙ୍କାରିସାହି ଗ୍ରାମର ରୋହିତ ସେଠୀଙ୍କ ଘରେ ରୋଷେଇ କରୁଥିବା ସମୟରେ ହଠାତ ଚୁଲୀରୁ ନିଆଁ ଚାଳକୁ ଧରିଥିଲା । ଚାହୁଁ ଚାହୁଁ ନିଆଁ ଏତେ ଶୀଘ୍ର ବ୍ୟାପୀଗଲାଯେ ଆୟତ କରିବା ଅସମ୍ଭବ ହୋଇପଡ଼ିଥିଲା । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ଅଧିକାରୀ ବିଜୟାନନ୍ଦ ପରିଡ଼ାଙ୍କ ସମେତ ସମସ୍ତ କର୍ମଚାରୀମାନେ ପଂହଚି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ । ନିଆଁ ଏତେ ପ୍ରଖର ଥିଲା ଯେ ସେଥିରେ ଘରର ଆସବାବପତ୍ର, ସମସ୍ତ ଖାଦ୍ୟ ସାମଗ୍ରୀ, ସୁନା ରୁପା, ଟଙ୍କା, ମୋବାଇଲ, ଟିଭି, ଆଲମାରୀ ସମେତ ନଗଦ ୬୦୦୦୦/- ଟଙ୍କା ସବୁ ପୋଡ଼ି ପାଉସଁ ହୋଇଯାଇଛି । ରାଜସ୍ୱ ବିଭାଗ ତରଫରୁ ତହସିଲଦାର ପ୍ରତିବାଳା ରଣା ରାଜସ୍ୱ ନୀରୀକ୍ଷକ ସୁଶାନ୍ତ କୁମାର ବାରିକ ପଂହଚି କ୍ଷୟକ୍ଷତିର ଆକଳନ କରିବା ସହିତଘରକୁ ଘୋଡାଇବା ପାଇଁ ପାଲ ଦେଇଥିଲେ । କ୍ଷତିଗ୍ରସ୍ତ ଙ୍କୁ କ୍ଷତି ପୁରଣ ପ୍ରଦାନ କରିବା ସହିତ ବ୍ଲକ ପ୍ରଶାସନ ତରଫରୁ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେବାକୁ କନ୍ଧମାଳ ସାଂସଦଙ୍କ ସହିତ ଆଲୋଚନା କରି ତୁରନ୍ତ ସହାୟତା ପ୍ରଦାନ କରାଯିବ ବୋଲି ଗଣିଆ ବ୍ଲକ ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ କର କହିଛନ୍ତି ।

## ମୋଟେର ନୂତନ ମାର୍କେଟ କମ୍ପ୍ଲେକ୍ସକୁ ନେଇ କୁସୁମଖୁଣ୍ଟି ଗ୍ରାମବାସୀ ବିଡ଼ିଓ ଙ୍କ ଦ୍ୱାରସ୍ଥ



କୋକସରା,(ମହାଭାରତ): କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ମୌଜାରେ ଥିବା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇ ଦୀର୍ଘ ବର୍ଷ ହେଲାଣି । ହେଲେ ଆଜି ପର୍ଯ୍ୟନ୍ତ ସରକାରୀ ସ୍ତରରେ କୌଣସି ନିଲାମ ନ ହୋଇ ଜଣେ ପ୍ରଭାବଶାଳୀ ବ୍ୟକ୍ତି ତାହା ପୁଣି ବ୍ଲକ ବାହାରର ବ୍ୟକ୍ତିକୁ ଟେକି ଦେଇ ଢ଼ାବା ଖୋଲିବାକୁ ଅନୁମତି ଦେଇଛି ମୋଟେର ପଞ୍ଚାୟତ କର୍ତ୍ତୃପକ୍ଷ । ଚାରି କୋଠରୀ ବିଶିଷ୍ଟ ଘରକୁ ଭାଙ୍ଗି ମୋଟେର ପଞ୍ଚାୟତ କର୍ତ୍ତୃପକ୍ଷ ଜଣକ ହାତରେ ବିନା ନିଲାମରେ ଟେକି ଦେବା ଓ ବେସରକାରୀ ନିୟମରେ ଅର୍ଥ ଉପାର୍ଜନ କଲାଭଳି ପନ୍ଥା ଆପଣେଇବା ସାଧାରଣରେ ଆଲୋଡନ ସୃଷ୍ଟି ହେଉଛ । ଆଶା ଥିଲା ପଞ୍ଚାୟତ ଅଧିନର କିଛି ବେକାର ଯୁବକ ଦୋକାନ ବଜାର କରି ଆତ୍ମନିର୍ଭରଶୀଳ ହୋଇ ପରିବାର ପ୍ରତିପୋଷଣ କରିବେ ।କିନ୍ତୁ ପଞ୍ଚାୟତର ଏପରି କାର୍ଯ୍ୟକୁ ସାଧାରଣରେ ସନ୍ଦେହ ହେବା ସହ ସାମୁହିକ ଭାବରେ କେମିତି ଅଧିକ ଲୋକ ରୋଜଗାର କ୍ଷମ ହେଇପାରିବେ ସେ ନେଇ ଆଜି କୁସୁମଖୁଣ୍ଟି ଗ୍ରାମର ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଦରଖାସ୍ତ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଓ କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କୁ ପ୍ରଦାନ କରାଯାଇଛି ।ଏ ନେଇ କୋକସରା ବିଡ଼ିଓ ଡ଼.ମାଝୀ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ସେହିପରି ନୂତନ ଭାବରେ ତିଆରି ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସ ଜାଗା ଚିହ୍ନଟ ପରେ ନିର୍ମାଣ ହେବ ବୋଲି ଶ୍ରୀ ଜେନା କହିଛନ୍ତି ।

## ହିନ୍ଦୋଳରେ ମହୁମାଛି ଆତଙ୍କ,ଶତାଧିକ ଆହତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନ ଏ ସି ୪ ନମ୍ୱର୍ ୱାର୍ଡ ଥାନା ଛକରେ ଥିବା ବିଶାଳକାୟ ବରଗଛରେ ବହୁବର୍ଷ ୨୦ରୁ ଉର୍ଦ୍ଧ୍ୱ ମହୁମାଛି ବସା ଥିବାବେଳେ ପ୍ରତ୍ୟେକ ସମୟରେ ଲୋକେ ମହୁମାଛି ଆକ୍ରମଣର ଶିକାର ହୋଇଥିବା ଦେଖାଦେଇଛିଫଆଜି ସନ୍ଧ୍ୟା ଅପରାହ୍ନରେ ମହୁମାଛି ଆକ୍ରମଣରେ ୧୦୦ ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ବେଳେ କିଛି ଲୋକ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି ।ତେବେ ଏହି ସ୍ଥାନରେ ବହୁବର୍ଷ ହେଲା ମହୁଫେଣା ଥିବାସହ ପ୍ରାୟ ସମୟରେ ମହୁମାଛି ଆକ୍ରମଣରେ ବହୁ ଜନସାଧାରଣ ଶିକାର ହେଉଥିବାବେଳେ ପ୍ରତିକାର ପାଇଁ ପ୍ରଶାସନ ଗୁରୁତ୍ୱ ନଦେବା ଜନସାଧାରଣଙ୍କ ଅସନ୍ତୋଷର କାରଣ ପାଲଟିଛି । ଏଥିସହ ଏହି ମୁଖ୍ୟରାସ୍ତାରେ ପ୍ରତ୍ୟହ ବହୁ ସରକାରୀ ଅଫିସର, ନେତ, ମନ୍ତ୍ରୀ, ଜନପ୍ରତିନିଧି ଯାତାୟତ କରୁଥିଲେ ମଧ କାହାରି ଦୃଷ୍ଟି ନପଡିବା ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ସୃଷ୍ଟି କରିଛି ।ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ସ□ତ୍ତ୍ୱପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଇନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଯଥାଶୀଘ୍ର ଏହାର ସମାଧାନ କରାନଗଲେ ଆଗାମୀ ଦିନରେ ରାସ୍ତାରୋକ କରିବା ପାଇଁ ଚେତାବନୀ ମଧ ଦେଇଛନ୍ତି ଗ୍ରାମବାସୀ ।

## ନୂଆଗାଁ ବ୍ଲକରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର

ନୂଆଗାଁ (ମହାଭାରତର) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ପରିସରରେ ଥିବା ରାଜୀବଗାନ୍ଧୀ ସଦଭାବନା ଗୃହରେ ନୟାଗଡ଼ ଜିଲ୍ଲାପାଳଙ୍କ ବ୍ଲକ୍ ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା ।ଏହି ଶିବିରରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ନୟାଗଡ କର୍ଣ୍ଣଦେବ ସମାଦ୍ଦାର , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ,ସିଡ଼ିଏମଓ ସୁଶାନ୍ତ କୁମାର ଦାସ ଏସପି ଏସ ସୁଶ୍ରୀ,ନୂଆଗାଁ ବିଡ଼ିଓ ଅମୃତ କୁମାର ରାଉଳ ,ଅତିରିକ୍ତ ତହସିଲଦାର କବିରାଜ ସେଠି, ବ୍ଲକ୍ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ସହିତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେୟ ଉକ୍ତ ଅଭିଯୋଗ ପ୍ରକୋଷ୍ଠରେ ମୋଟ ୫୨ଟି ଆପତ୍ତି ଅଭିଯୋଗ ହୋଇଥିଲା । ସେଥି ମଧ୍ୟରୁ ୪୭ ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୦୫ଟି ଗ୍ରାମ୍ୟ ସମସ୍ୟା ଅଭିଯୋଗ ହୋଇଥିଲା ।ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆଧାରିତ ଏବଂ ରେଡ଼କ୍ରସ ରୁ କୌଣସି ଅଭିଯୋଗ ହୋଇନଥିବା ବେଳେ ସେଥି ମଧ୍ୟରୁ ୦୯ଟି ତୁରନ୍ତ ସମାଧାନ ହୋଇଥିଲା ।

## ପୁଣି ଚର୍ଚ୍ଚାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ଅସାମାଜିକ ଯୁବକଙ୍କ ସହ ଭୂତ ପିଶାଚଙ୍କ ଆଡ୍ଡା ସ୍ଥଳୀ ପାଲଟିଛି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ



ନୟାଗଡ଼, ( ମହାଭାରତ ) : ପୁଣି ଚର୍ଚ୍ଚାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ଏଥର ଓକ୍ସିଜେନ୍ ପ୍ଲାଣ୍ଟ ରୁ ପାଇପ୍ ଚୋରୀ, ଏବଂ ଭୂତ ପିଶାଚଙ୍କ ଆଡ୍ଡା ସ୍ଥଳୀ ପାଲଟିଛି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ୱାସ୍ଥ୍ୟ ସେବା ନାଁ ରେ ରୋଗୀଙ୍କୁ ଚାଲିଛି ଶୋଷଣ। ବାହାରୁ ଚକାଚକ୍ ଦିଶୁଥିବା ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭିତର ଅବସ୍ଥା ସଂପୂର୍ଣ୍ଣ ଓଲଟାୟ ଠାରେ ନାହିଁ ନାହିଁ ଚାଲିଛି ରୋଗୀଙ୍କ ସ୍ୱାସ୍ଥ୍ୟ ସେବାୟ ମେଡିସିନ ବିଭାଗ ଠାରୁ ଆରମ୍ଭ ପ୍ରସୂତି ବିଭାଗ ପର୍ଯ୍ୟନ୍ତ ସମସ୍ତ ବିଭାଗରେ ଡାକ୍ତର ଅଭାବ ଲାଗି ରହିଥିବା ବେଳେ ସେପଟେ ଆନୁଷଙ୍ଗିକ ଅବ୍ୟବସ୍ଥା ଓକ୍ସିଜେନ୍ ଓ ଆଇସିୟୁ ସେବା ଅଭାବରୁ ଅକାଳ ରେ ଚାଲି ଯାଉଛି ରୋଗୀଙ୍କ ଜୀବନ। ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ରୋଗୀ ମାନେ ବିଭିନ୍ନ ୱାର୍ଡରେ ଛଟପଟ୍ ହେଉଥିବା ବେଳେ ସେପଟେ ୱାର୍ଡ ରେ ଆବଶ୍ୟକ ସୁବିଧା ବେଡ଼ ଠାରୁ ଆରମ୍ଭ କରି ୱାର୍ଡ ରେ ଲାଗିଥିବା ଏସି, ଫ୍ୟାନ୍, ଲାଇଟ୍ ଏବଂ ଟଏଲେଟ୍, ପାଣି ର ଅବ୍ୟବସ୍ଥା ରୋଗୀଙ୍କ ସମସ୍ୟାକୁ ଦୁଇଗୁଣିତ କରୁଛି। ୧୦୦ ଶର୍ଯ୍ୟା ବିଶିଷ୍ଟ ଏହି ମେଡିକାଲରେ ନାଁ ଓକ୍ସିଜେନ୍ ରୋଗୀଙ୍କୁ ମିଳୁଛି ନାଁ, ଆଇସିୟୁ ସୁବିଧା ଅଛି। ଓକ୍ସିଜେନ୍ ଅଭାବ ରୁ ଚିକିତ୍ସା ନପାଇ ରୋଗୀଙ୍କୁ ମୃତ୍ୟୁ ବରଣ କରିବା ପାଇଁ ପଡୁଛି ଏଠି। ଏନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦୨୧ ଜୁନ ୧୮ରେ ଇଣ୍ଟେନସିଭ କେୟାର ୟୁନିଟ ତଥା ଆଇସିୟୁ ଆରମ୍ଭ ହୋଇଥିଲା। ଭର୍ଚୁଆଲ୍ ମାଧ୍ୟମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦଘାଟନ କରି ଥିଲେ। ହେଲେ ଉଦଘାଟନର ଚାରି ବର୍ଷ ବିତିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ଆଇସିୟୁ କାର୍ଯ୍ୟକ୍ଷମ ହେଲା ନାହିଁୟ ଜିଲ୍ଲା ବାସୀଙ୍କର ଦୀର୍ଘ ବର୍ଷର ଦାବି ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କେବଳ ଆଇସିୟୁ ସ୍ଥାପନ ହେଲା ସତ କିନ୍ତୁ ଏଥି ନିମନ୍ତେ ଆବଶ୍ୟକ ଡାକ୍ତର, ଷ୍ଟାପନର୍ସ ଓ ଅନ୍ୟ କର୍ମଚାରୀ ନଥାଇ କେବଳ ତରବରିଆ ଭାବରେ ଆଇସିୟୁ ୱାର୍ଡ ଖୋଲିବା ସହ ଏଥିରେ ୬ଟି ଆଇସିୟୁ ବେଡ୍ ସହିତ ୩ଟି ଭେଣ୍ଟିଲେଟର ସ୍ଥାପନ କରାଯାଇଥିବା ବେଳେ ସେ ସବୁ ଏବେ ଅଚଳ ଅବସ୍ଥାରେ ପଡିରହିଥିବା ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ କୋଭିଡ୍ ମହାମାରୀ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ମଧ୍ୟରେ ନିର୍ମାଣ କରାଯାଇଥିବା ଅକ୍ସିଜେନ୍ ପ୍ଲାଣ୍ଟ୍ ମଧ୍ୟ ଲୋକଙ୍କ କାମରେ ଆସୁନାହିଁ। ଫଳରେ ଓକ୍ସିଜେନ୍ ପ୍ଲାଣ୍ଟ ପାଲଟିଛି ଅସାମାଜିକ ବ୍ୟକ୍ତି ଙ୍କ ଆଡ୍ଡା ସ୍ଥଳୀୟ ଲୁଟ୍ ଚାଲିଛି ଓକ୍ସିଜେନ୍ ପ୍ଲାଣ୍ଟ ରୁ ଯନ୍ତ୍ରପାତି। ମୁଖ୍ୟ ଚିକିତ୍ସାଳୟରେ ନାନା ଅବ୍ୟବସ୍ଥା ସାଙ୍ଗକୁ ଡାକ୍ତରଙ୍କ ରୋଗୀ ଶୋଷଣ ନୀତି ଏବଂ ସ୍ଥାନୀୟ ବିଧାୟକ ଙ୍କ ମେଡିକାଲ କର୍ତ୍ତୃପକ୍ଷ ଙ୍କ ପତି ଆନ୍ତରିକତା ମନୋଭାବ ଅଭାବ ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେଫରାଲ୍ ହସ୍ପିଟାଲରେ ପରିଣତ ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏବେ ସାଧାରଣ ଦୁର୍ଘଟଣା ହେଉ କି ଅପ୍ରୋପରେଶନ ହେବାକୁ ଥିବା ରୋଗୀଙ୍କୁ ମଧ ଏଠାରୁ କଟକ କିମ୍ବା ଭୁବନେଶ୍ୱର ରେଫର କରିଦିଆଯାଉଛି। ଯାହାକୁ ନେଇ ଜିଲ୍ଲା ବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ରୋଗୀଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ନୟାଗଡ଼ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଓକ୍ସିଜେନ୍, ଆଇସିୟୁ ସେବା ଅଭାବ ରୁ ପ୍ରତିଦିନ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ମୃତ୍ୟୁ ଘଟୁଥିବା ନେଇ ଅଭିଯୋଗ ହେଉଛି। ସମ୍ପର୍କୀୟଙ୍କ ଆଖି ଆଗରେ ଅକାଳରେ ଚାଲିଯାଉଛି ରୋଗୀଙ୍କ ଜୀବନ ।ମାଗଣାରେ ଚିକିତ୍ସା ସୁବିଧା ପାଇବା ଆଶାରେ ମୁଖ୍ୟ ଚିକିତ୍ସାଳୟ ଉପରେ ନୟାଗଡ଼ ଜିଲ୍ଲାର ଲକ୍ଷ ଲକ୍ଷ ରୋଗୀ ନିର୍ଭର କରିଥିବା ବେଳେ ପଡୋଶୀ ଜିଲ୍ଲା ଖୋର୍ଦ୍ଧା, ବୌଦ୍ଧ, ଗଞ୍ଜାମ ଓ କଟକ ଜିଲ୍ଲାରୁ ରୋଗୀ ମଧ ଏହି ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସନ୍ତି। ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବଡ ଡାକ୍ତରଖାନା ଭାବି ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ପ୍ରତିଦିନ ରୋଗୀଙ୍କୁ ଏଠାକୁ ସ୍ଥାନାନ୍ତର କରାଯାଉଛି। କିନ୍ତୁ ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ପାଇବା ପରିବର୍ତ୍ତେ ଏଠାରେ ରୋଗୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। କାରଣ ମୁଖ୍ୟ ଚିକିତ୍ସାଳୟରେ ନାହିଁ ଆବଶ୍ୟକ ସୁବିଧା ସୁଯୋଗ। ପ୍ରାଥମିକ ଚିକିତ୍ସା ନ ପାଇଁ ଏଠାରୁ ପ୍ରତିଦିନ ଜ୍ୱର କାଶ ଭଳି ସାମାନ୍ୟ ରୋଗରେ ପୀଡ଼ିତ ରୋଗୀଙ୍କୁ ଚିକିତ୍ସା ପାଇଁ କଟକ ଓ ଭୁବନେଶ୍ୱର ମେଡିକାଲ କୁ ରେଫର୍ କରାଯାଇଛି। ସେପଟେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ ମନ୍ତ୍ରୀଙ୍କ ଚିରାଚରିତ ଢଙ୍ଗରେ ଉ□ର ଖୁବ୍ ଶୀଘ୍ର ଧୀରେ ଧୀରେ ସମସ୍ୟା ର ହେବ ସମାଧାନ। ବିଭିନ୍ନ ବିଭାଗରେ ଆବଶ୍ୟକ ଡାକ୍ତର ପୂରଣ ସାଙ୍ଗକୁ ଓକ୍ସିଜେନ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ ସହ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ ବେଡ଼ ବ୍ୟବସ୍ଥା। କାର୍ଯ୍ୟକ୍ଷମ ହେବ ଏବଂ ନିଜେ ଆସି ଉଦଘାଟନ କରିବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ନିଜେ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତିଶୃତି ଦେବା ପରେ ଏବେ କେବଳ ଦେଖିବା ପାଇଁ ବାକି ରହିଲା କେବେ ଦୂର ହେଉଛି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥା ସମସ୍ୟା।

## ମନରେଗା କାମରେ ଅନିୟମିତତା

### ମେସିନରେ କାମକରି ବିଲ୍ ଉଠାଇବାକୁ ମସୁଧା : ନାମକୁ ମାତ୍ର ଜବ କାର୍ଡ ଧାରୀ ଶ୍ରମିକ



ରଣପୁର, ( ମହାଭାରତ ) : ରଣପୁର ବ୍ଲକ୍ରେ ଏବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ନାନାଦି ଉନ୍ନୟନମୂଳକ କାର୍ଯ୍ୟ ହେଉଥିବା ବେଳେ ହାତ ବଦଳରେ ମେସିନରେ କାମ ହେଉଥିବା ଅଭିଯୋଗ ହେଉଛି। ତେବେ ରଣପୁର ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ମେସିନରେ ପୋଖରୀ ଖୋଳି ଠିକାଦାର ବିଲ୍ ଉଠାଇବାକୁ ମସୁଧା କରୁଥିବା ଅଭିଯୋଗ ହେଉଛ। ଏ ନେଇ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ମଧ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଦିନ ମଜୁରିଆ ମାନଙ୍କ ପାଇଁ ୧୦୦ ଦିନର କାମ ଯୋଗାଇ ଦେବା ଉଦେଶ୍ୟରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗ୍ରାମା□ଳରେ ପୋଖରୀ, ବନ୍ଧ, ଖେଳ ପଡ଼ିଆ, କଚ୍ଚାରାସ୍ତା, କେନାଲ ଆଦି ନିର୍ମାଣ ନିମନ୍ତେ ଶ୍ରମିକ ମାନଙ୍କୁ ନିୟୋଜିତ କରିବାର ସରକାରୀ ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ ତାହାର ବ୍ୟତିକ୍ରମ ଘଟୁଥିବା ଦେଖିବାକୁ ମିଳିଛି। ହାତ ବଦଳରେ ଜେସିବ୍ ମେସିନ ଯୋଗେ କାମକରି ପୋଖରୀ ଖୋଳାଯିବା ପରେ ପୋଖରୀରୁ ବାହାରିଥିବା ମାଟି କୁ ରାସ୍ତାରେ ପକାଇ ବିଲ୍ ଉଠାଇବାକୁ ମସୁଧା ହେଉଥିବା ଅଭିଯୋଗ ହେଉଛି। ବନ୍ଧମୁଣ୍ଡା, ବୃନ୍ଦାବନପୁର, ଚମ୍ପାଗଡ଼, ଚମ୍ପାପେର୍ଢ଼ି, ଚନ୍ଦପୁର, ଦର୍ପନାରାୟଣପୁର, ଖତିଆ, ଗୋପାଳପୁର, ଗୌରାଙ୍ଗପୁର, ଝାଡ଼ପଡ଼ା, କାସନ୍ଦା, ପିମ୍ପଳ, ସୁର୍କାବାଡ଼ି ଆଦି ପଞ୍ଚାୟତ ସମେତ ବିଭିନ୍ନ ଗାଁରେ ଉପରୋକ୍ତ ଉନ୍ନୟନ ମୂଳକ କାମ ହେଉଥିବା ବେଳେ ମେସିନ ଦ୍ୱାରା କାମ ହେଉଥିବା ଅଭିଯୋଗ ହେଉଛ। ଏପରିକି ଦିନବେଳେ ଧରାପଡ଼ିଯିବା ଭୟରେ ରାତିଅଧରେ ଅନେକ ଅଞ୍ଚଳରେ କାମ ହେଉଥିବା ଅଭିଯୋଗ ହେଉଛି। ନାମକୁ ମାତ୍ର ଜବ କାର୍ଡ ଦର୍ଶାଇ ନିରୀହ ଦିନ ମଜୁରିଆଙ୍କୁ ଠକି ଚାଲି ଥିବାବେଳେ ଜବକାର୍ଡ ଧାରୀଙ୍କୁ କାର୍ଡ ପିଛା କୋଡ଼ିଏ ତିରିଶ ଟଙ୍କା ଲେଖାଏଁ ଦେଇ ଠିକାଦାର ମାଲେମାଲ ହେଉଥିବା ଅଭିଯୋଗ ହେଉଛି। ଏପରି ସ୍ଥଳେ ସ୍ଥାନୀୟ ଅ□ଳର ଦିନ ମଜୁରିଆ ପାଇଁ ଉଦ୍ଦିଷ୍ଟ ଯୋଜନା କାହା ସ୍ୱାର୍ଥରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ତୁରନ୍ତ ଏହାର ପ୍ରତିକାର କରିବାକୁ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଦାବି ହେଉଛି। ତେବେ ମନରେଗା କାମରେ କୌଣସି ଅନିୟମିତତା ହେଉନଥିବା ନେଇ ସହକାରୀ ଯନ୍ତ୍ରୀ ସଫେଇ ଦେଇଛନ୍ତି।

## ନକଲି ପୋଲିସକୁ ଗିରଫ କଲା ଅସଲି ପୋଲିସ

ବଅଁରପାଳ (ମହାଭାରତ): ଅନୁଗୋଳ ଜିଲ୍ଲା ସଦର ଥାନା ଅଧିନରୁ ଜଣେ ନକଲି ସବଇନ୍ସପେକ୍ଟର ଗିରଫ ହୋଇଛ। ମହୀଧରପୁର ଫାଣ୍ଡି ଅଧିନରେ ଥିବା ଏକ ମଦ ଦୋକନରୁ ପ୍ରଥମେ ୫ ହଜାର ଟଙ୍କା ବଟି ମାଗିଥିଲେ। ଏହାପରେ ଅନୁଗୋଳ ବିଭିନ୍ନ ଥାନା ଅଧିନରେ ହେଲମେଟ୍ ଯାଞ୍ଚ କରି ଲୋକଙ୍କ ଠାରୁ ଟଙ୍କା ଆଦାୟ କରୁଥିଲେ। ଉଭୟ ନକଲି ପୁଲିସ କର୍ମଚାରୀଙ୍କ ଘର ସଦର ଥାନା ଅଧିନ ଛେଳିଆପଡା ଓ କାଙ୍ଗୁଲା ଅଞ୍ଚଳରେ ବୋଲି ଜଣାପଡିଛି। ସୂଚନା ରୁ ଜଣାପଡିଛି ନକଲି ସବଇନ୍ସପେକ୍ଟର ଜଣଙ୍କ ଛେଳିଆପଡା ର ବ୍ରଜବନ୍ଧୁ ନାଥ ଙ୍କ ପୁଅ ଅରକ୍ଷିତ ନାଥ ଓ ନକଲି କନଷ୍ଟେବଳ ଜଣଙ୍କ କାଙ୍ଗୁଲା ଗ୍ରାମ ଅରକ୍ଷିତ ସେଠୀ ଙ୍କ ପୁଅ ଅମର ସେଠୀ ।ନକଲି ପୋଲିସ ପୂର୍ବରୁ ଏହିପରି କାର୍ଯ୍ୟରେ ଲିପ୍ତ ଥିବା ଜଣାଇବା ସହ ସେମାନେ ଚିତ୍ରାଳୟ ରୁ ଏହି ପୋଷାକ ଆଣିଥିବା କହିଛନ୍ତି। ଉଭୟେ ମହୀଧରପୁର ଫାଣ୍ଡି ଅଧିନରେ ଥିବା ଏକ ମଦ ଦୋକାନୀଙ୍କୁ ୫ ହଜାର ଟଙ୍କା ବଟି ମାଗିଥିଲେ। ମଦ ଦୋକାନୀ କର୍ମଚାରୀ ତାଙ୍କୁ ପ୍ରଥମେ ୩ ହଜାର ଟଙ୍କା ଦେଇଥିଲେ ଓ ପରେ ବାକି ୨ ହଜାର ଟଙ୍କା ଦେବେ ବୋଲି କହିଥିଲେ। ଏହାପରେ ନକଲି ପୁଲିସ କର୍ମଚାରୀ ଦ୍ୱୟ ମହୀଧରପୁର ଓ ଛେଳିଆପଡା ମଧ୍ୟରେ ଥିବା ବିଭିନ୍ନ ନିଛାଟିଆ ସ୍ଥାନରେ ଦୁଇ ଚକିଆ ଯାନ ଅଟକାଇ ହେଲମେଟ୍, ଡ୍ରାଇଭିଂ ଲାଇସେନ୍ସ, ଇନସୁରାନ୍ସ ଇତ୍ୟାଦି ଯାଞ୍ଚ କରିଥିଲେ। ଲୋକେ ହେଲମେଟ୍ ପିନ୍ଧି ନ ଥିବାରୁ ସେମାନଙ୍କ ଠାରୁ ୫୦୦ ଓ ୧୦୦୦ ଆଦାୟ କରୁଥିଲେ। ଏହି ଅଞ୍ଚଳର କେତେକ ସଚେତନ ନାଗରିକଙ୍କ ଏ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ତେଣୁ ସେମାନେ ଅନୁଗୋଳ ସଦର ଥାନା ଓ ବଅଁରପାଳ ଥାନାକୁ ଖବର ଦେଇଥିଲେ। ଉଭୟ ଥାନାର ପୋଲିସ ଘଟଣା ସ୍ଥଳକୁ ଆସିଥିଲେ। ପୋଲିସ ଗାଡି ଦେଖି ନକଲି କନଷ୍ଟେବଳ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। କିନ୍ତୁ ନକଲି ସବଇନ୍ସପେକ୍ଟରଙ୍କୁ ଅସଲି ପୋଲିସ ମାଡି ବସିଥିଲା ।ତେବେ ପୋଲିସ ଘଟଣାର ସତ୍ୟାସତ୍ୟ ବିଷୟରେ ତଦନ୍ତ ଆରମ୍ଭ କରିଛନ୍ତି।

## ଆମ୍ବ ବଗିଚ଼ ରେ ପଶି ଦନ୍ତା ହାତୀ ଭାଙ୍ଗିଲା ଗଛ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ରେଞ୍ଜ ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ ଜୁଆଳିକଟା ରେ ଏକ ଆମ୍ବ ବଗିଚ଼ ରେ ସୋମବାର ବିଳମ୍ବିତ ରାତିରେ ଏକ ଦନ୍ତା ପଶି ଆମ୍ବ ଗଛ ଭାଙ୍ଗି ନଷ୍ଟ କରିଥିବାର ଜଣାଯାଇଛି ।ଗଠ ଛଡା ହୋଇ ଖଜୁରିଆ ଜଙ୍ଗଲ ରେ ରହି ଥିବା ଏହି ହାତୀ ଟି ଜୁଆଳିକଟା ଠାରେ ଥିବା ଶ୍ୟାମ ବଳଦେବା ଙ୍କ ଆମ୍ବ ବଗିଚ଼ ରେ ପଶି ୩ ଟି ଆମ୍ବ ଗଛ କୁ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ କରି ଦେଇଥିବା ବେଳେ ଅନେକ ଗଛ କୁ ଆଂଶିକ ଭାଙ୍ଗି ନଷ୍ଟ କରି ଦେଇଛି ।ଖବର ପାଇ ଠାକୁରମୁଣ୍ଡା ବନ କର୍ମଚାରୀ ଘଟଣାସ୍ଥଳ ରେ ପହଞ୍ଚି ଥିଲେ ।ଚାଷୀ ଙ୍କୁ ଆବଶ୍ୟକ କ୍ଷତି ପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।ଏହି ଦନ୍ତା ହାତୀ ଟି ଏକୁଟିଆ ଦୀର୍ଘ ବର୍ଷ ହେବ ଗ୍ରାମ ନିକଟବର୍ତ୍ତୀ ଆଖ ଜଙ୍ଗଲ ରେ ରହି ଆସୁଛି ।

## ସାମଲ କେୟାର ହସ୍ପିଟାଲ ର ୧୨ତମ ପ୍ରତିଷ୍ଠା ଦିବସ

ବଅଁରପାଳ (ମହାଭାରତ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ନିକଟସ୍ତ ନିର୍ଭରଯୋଗ୍ୟ ସାମଲ କେୟାର ହସ୍ପିଟାଲ ର ୧୨ତମ ପ୍ରତିଷ୍ଠା ଦିବସ ସହ ରକ୍ତଦାନ ଶିବିର ଅନୁଷ୍ଠିତ। ଏହି ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଜିଡି ଭେଞ୍ଚର ମ୍ୟାନେଜିଂ ଡାଇରେକ୍ଟର ଗଙ୍ଗାଧର ସାମଲ, ଢେଙ୍କାନାଳ ସଦର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ହସ୍ପିଟାଲର ଉ□ର ଅଧିକାରୀ ରମେଶ ଚନ୍ଦ୍ର ସାମଲ ଡାଃ କୁମାର ଗୌରବ ସାମଲ, ଡାଃ ସୁଚିସ୍ମିତା ସାମଲ ଶିବିରରେ ଯୋଗ ଦେବା ସହ ଉଦ୍ଘାଟନ କରିଥିଲେ। ଏହି ହସ୍ପିଟାଲ ଅଞ୍ଚଳରେ ଦୀର୍ଘ ୧୨ ବର୍ଷ ଧରି ଉନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ମାନଙ୍କରେ ସମାଜସେବାର ହାତ ବଢ଼ାଇ ଥାନ୍ତି। ଏହି ରକ୍ତଦାନ ଶିବିରରେ ସାମଲ ନର୍ସିଂ କଲେଜ ର ବହୁ ରକ୍ତଦାତା ମାନେ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ପ୍ରଥମ ରକ୍ତଦାତା ଭାବେ ଡାଃ କୁମାର ଗୌରବ ଦେବାପରେ ହସ୍ପିଟାଲର ଅନ୍ୟ କର୍ତ୍ତୃପକ୍ଷ ମାନେ ରକ୍ତଦାନ କରିଥିଲେ ।ରକ୍ତଦାନ ପରେ ଡାଃ କୁମାର ଗୌରବ, ଡାଃ ସୁଚିସ୍ମିତା, ଜିଡି ଭେ□ର ମ୍ୟାନେଜିଂ ଡାଇରେକ୍ଟର ହସ୍ପିଟାଲର ରୋଗୀ ମାନଙ୍କ ପାଖରେ ପହଞ୍ଚି ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୭୧ ୟୁନିଟ୍ ରକ୍ତଦାତା ମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

# କଳା ବଜାରୀ କଲେ କଠୋର କାର୍ଯ୍ୟାନୁଷ୍ଠାନ ନେବ ଜିଲ୍ଲା କୃଷି ବିଭାଗ





ନବରଙ୍ଗପୁର(ମହାଭାରତ): ଜିଲ୍ଲା କୃଷି ବିଭାଗ ତରଫରୁ ରବିବାର ୧୭.୫.୨୦୨୫ ତାରିଖ ଦିନ ଉମରକୋଟ ଡି.ଏନ.କେ ସ୍ଥିତ ବଙ୍ଗୀୟ ଭବନ ରେ ଉମରକୋଟ, ରାଇଘର,ଝରୀଗାଁ ଏବଂ ଚନ୍ଦାହାଣ୍ଡି, ର ୧୭୦ ଜଣ ସରକାରୀ ସ୍ୱୀକୃତି ପ୍ରାପ୍ତ ସାର ଓ ବିହନ ବିକ୍ରେତା ଙ୍କୁ ନେଇ ଏକ ବୈଠକ କରାଯାଇଥିଲା ।ଉକ୍ତ ବୈଠକ ରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଙ୍କ ପ୍ରତିନିଧି ପ୍ରଣୟ କୁମାର ମନ୍ତ୍ରୀ,କୃଷି ଜିଲ୍ଲା ଅଧିକାରୀ ଉମରକୋଟ ବିଶ୍ୱଜିତ ସାହୁ,ସହକାରୀ କୃଷି ଅଧିକାର, ଓ ୪ ଟି ବ୍ଲକ ର ବ୍ଲକ କୃଷି ଅଧିକାର, ଲେମ୍ପ ର ଏମ.ଡି, ଉମରକୋଟ ମାରଫେଡ଼ ଅଧିକାରୀ ଙ୍କ ଉପସ୍ଥିତ ରେ ଏକ ବୈଠକ ଆୟୋଜିତ ହେଇଥିଲାବୈଠକରେ ଆଗାମୀ ଖରିପ ଚାଷ ରେ ଚାଷୀଙ୍କ ସହ ସୁସମ୍ପର୍କ ରଖି ଚାଷୀଙ୍କୁ ସଠିକ ମାନର ବିହନ ଏବଂ ସାର ଯୋଗାଇଦେବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବ୍ୟବସାୟୀଙ୍କୁ କହିବା ସହ ଯଦି କୌଣସି ବିକ୍ରେତା ସରକାରୀ ନିୟମ ଅବମାନନା କରନ୍ତି ଏବଂ ଏହା ପ୍ରମାଣ ମିଳେ ହେଲେ ସଙ୍ଗେ ସଙ୍ଗେ ସେହି ଅଧିକୃତ ବିକ୍ରେତାଙ୍କ ଦୋକାନ ସିଲ କରାଯାଇ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।ଆଗାମୀ ଖରିପ ଋତୁରେ ସମ୍ପୂର୍ଣ୍ଣ ଭାବେ ଅଣସୀକୃତିପ୍ରାପ୍ତ କୌଣସି ସାର କିମ୍ବା ବିହନ କିମ୍ବା ଅଣୁସାର କୁ ଜିଲ୍ଲାରେ ବିକ୍ରି କରାଯିବ ନାହିଁ ଯଦି କୌଣସି ବିକ୍ରେତା ବିନା ସ୍ୱୀକୃତି ପ୍ରାପ୍ତ କୌଣସି ସାର, ବିହନ, ଅଣୁସାର ବିକ୍ରି କରେ ତାହେଲେ ସେହି ଦୋକାନକୁ ସିଲ କରାଯାଇ ସମ୍ପୂର୍ଣ ଜିନିଷ କୁ ବାଜ୍ୟାପ୍ତ କରାଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଙ୍କ ପ୍ରତିନିଧି ପ୍ରଣୟ କୁମାର ମନ୍ତ୍ରୀ କହିଛନ୍ତି ।କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜିତ ସାହୁ ଚାଷୀଙ୍କୁ ନାନୋ ୟୁରିଆ, ନାନୋ ଡି.ଏ.ପି ର ଉପକାରିତା ବିଷୟରେ କହି ପ୍ରୟୋଗ କରିବା ପାଇଁ ଅନୁରୋଧ କରିବା ସହ ଚାଷୀଙ୍କୁ କିଭଳି ଭାବି ଜୈବିକ ସାର ର ଉପକାରିତା ବିଷୟରେ ଅବଗତ କରାଯିବ। ସେଥିପାଇଁ ସାର ବିକ୍ରେତାଙ୍କୁ ଚେଷ୍ଟା କରିବାକୁ କହିଥିଲେ ।ମା ପେଣ୍ଠାଣୀ ଏଗ୍ରୋ ଇନପୁଟ ଆଶୋସିଏସନ ତରଫରୁ ୟୁରିଆ, ଡି.ଏ.ପି ସାରର ଅଭାବ, ଅତ୍ୟଧିକ ମୂଲ୍ୟ ଏବଂ କିଛି ଅସାଧୁ ବଡ଼ ବ୍ୟବସାୟୀ ଙ୍କ ମନୋମୁଖୀ ସାର ବଣ୍ଟନ ନୀତି କୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାକୁ ଯଦି ରୋକିବାରେ ପ୍ରଶାସନ ସଫଳ ନ ହେଲେ ଆଗାମୀ ଦିନରେ ଅନେକ ଅଭାବ ଏବଂ ଜନ ଅସନ୍ତୋଷ ସୃଷ୍ଟି ହେବ ବୋଲି ଅଭିଯୋଗ କରା ଯାଇଥିଲା ।ଆଗାମୀ ୧ ମାସ ମଧ୍ୟରେ ଉମରକୋଟ,ଝରୀଗାଁ, ଚନ୍ଦାହାଣ୍ଡି ଏବଂ ରାଇଘର କୁ ଉପଯୁକ୍ତ ମାତ୍ରା ରେ ଡି.ଏ.ପି ଓ ୟୁରିଆ ମାରଫେଡ଼ ସଂସ୍ଥା ମାଧ୍ୟମରେ ସ୍ୱୀକୃତି ପ୍ରାପ୍ତ ବିକ୍ରେତା ଙ୍କୁ ପ୍ରଦାନ କରାଯିବ ବୋଲି ଜିଲ୍ଲା କୃଷି ବିଭାଗ ତରଫରୁ କୁହାଯାଇଛି ।ସୂଚନା ଯୋଗ୍ୟ ଉମରକୋଟ, ରାଇଘର, ଝରୀଗାଁ ଓ ଚନ୍ଦାହାଣ୍ଡି ବ୍ଲକ ରେ ସରକାରୀ ନିର୍ଧାରିତ ଚାଷ ଜମି ର ପରିମାଣ ଅପେକ୍ଷା ୩ ଗୁଣ ଅଧିକ ଜମିରେ ଚାଷ ହେଉଛି, ତେଣୁକରି ପ୍ରତିବର୍ଷ ଖରିପ ଚାଷ ସମୟରେ ସାରର ଅଭାବ ଦେଖିବାକୁ ମିଳୁଛି, ଆଗାମୀ ଦିନରେ ଚାଷ ଜମି ହିସାବରେ ପ୍ରଶାସନ ସାର ଯୋଗାଇଲେ ଆଉ ସାର ର ଅସୁବିଧା ହେବ ନାହିଁ ବୋଲି ମା ପେଣ୍ଠାଣୀ ଏଗ୍ରୋ ଇନପୁଟ ଆଶ୍ୱୋସିଏସନ ତରଫରୁ ଜିଲ୍ଲା କୃଷି ବିଭାଗ କୁ ଜଣାଯାଇଛି ।

## ବଲୁଚିସ୍ତାନ: ବଜାରରେ ବିସ୍ଫୋରଣ, ୪ ମୃତ



ନୂଆଦିଲ୍ଲୀ : ବଲୁଚିସ୍ତାନରେ ପୁଣି ବିସ୍ଫୋରଣ । ବିସ୍ଫୋରଣରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି । ବିସ୍ଫୋରଣ କିଲ୍ଲା ଅବ୍ଦୁଲ୍ଲାହ ଜିଲ୍ଲାର ଜାବ୍ବର ମାର୍କେଟ ନିକଟରେ ହୋଇଛି । ବିସ୍ଫୋରଣ ପରେ ସ୍ଥାନୀୟ ଅଞ୍ଚଳରେ ଲୋକ ଭୟଭୀତ ରହିଛନ୍ତି । ଘଟଣା ବିଷୟରେ କିଲ୍ଲା ଅବ୍ଦୁଲ୍ଲାହର ଡେପୁଟି କମିଶନର ରିୟାନ ଖାନ କହିଛନ୍ତି, ବିସ୍ଫୋରଣ ଯୋଗୁଁ ବଜାରର କ୍ଷୟକ୍ଷତି ହୋଇଛି । କେତେକ ସ୍ଥାନରେ ନିଆଁ ଲାଗିଯାଇଛି । ମାର୍କେଟର ପଛପଟୁକୁ ବିସ୍ଫୋରଣ ହୋଇଛି । ଘଟଣାରେ ୪ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି । ବିସ୍ଫୋରଣ ପରେ ସ୍ଥାନୀୟ ଲୋକ ଭୟଭୀତ ରହିଛନ୍ତି । ଘଟଣା ସ୍ଥଳରେ ଅଗ୍ନିଶମ ଟିମ୍ ଏବଂ ପୋଲିସ ପହଞ୍ଚି ଉଦ୍ଧାର କାମ ଜାରି ରଖିଛି । ଏହି ସମୟରେ ରେସକ୍ୟୁ ଟିମ୍ ୪ଟି ମୃତଦେହ ଜବତ କରିଛି । ୨୦ରୁ ଅଧିକ ଆହତଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ତେବେ ବିସ୍ଫୋରଣ କେମିତି ହୋଇଛି ଆଉ କିଏ କରିଛି ତାହା ଜଣାପଡିନାହିଁ ।

## ନଦୀକୁ କାର ଖସି ୫ ମୃତ

ମହାରାଷ୍ଟ୍ର : ମହାରାଷ୍ଟ୍ର ରତ୍ନଗିରି ଜିଲ୍ଲାରେ ବଡ ଦୁର୍ଘଟଣା ଘଟିଛି । ଶୁଖିଲା ନଦୀରେ କାର୍ ଖସିପଡି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଛି । ସୂଚନାନୁଯାୟୀ, ଦୁର୍ଘଟଣାଗ୍ରସ୍ତ କାରଟି ପାଲଘରରୁ ନାଲାସୋପାରା ସହରକୁ ଆସୁଥିବାବେଳେ ଏପରି ଅଘଟଣ ଘଟିଥିଲା । ସୋମବାର ଦିନ ସକାଳ ପ୍ରାୟ ୫.୪୫ ମିନିଟ୍ ପାଖାପାଖି ଏହି ଅଘଟଣ ଦେଖିବାକୁ ମିଳିଥିଲା । ପ୍ରଥମେ କାର୍ ଡିଭାଇଡର ସହ ଧକ୍କା ହୋଇଥିଲା । ଭାରସାମ୍ୟ ହରାଇ ପରେ ଶୁଖିଲା ନଦୀରେ କାରଟି ଖସିପଡିଥିଲା । ଫଳରେ ଘଟଣାସ୍ଥଳରେ ସେହି ଗାଡିରେ ଥିବା ୫ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରେ ତିନି ଜଣ ମହିଳା ଥିବାବେଳେ ୨ଜଣ ପୁରୁଷ ଥିଲେ । ମୃତକଙ୍କ ପରିଚୟ ସ୍ପଷ୍ଟ କରିଛି ପୋଲିସ । ମୃତକ ହେଲେ ମିତାଲି ବିବେକ ମୋରେ (୪୩), ମେଘା ପରାଡକର(୨୨), ସୌରଭ ପରାଡକର(୨୨), ନିହାର ମୋରେ(୧୯), ଶ୍ରେୟସ ଶାୱ୍ୱତ(୨୩) । ଅନ୍ୟ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଆଫଗାନିସ୍ତାନରେ ଭୂକମ୍ପ ଝଟକା

ନୂଆଦିଲ୍ଲୀ : ଭାରତ ପଡୋଶୀ ଦେଶ ଆଫଗାନିସ୍ତାନରେ ପୁଣି ଭୂକମ୍ପର ଝଟକା ଅନୁଭୂତ । ଭାରତୀୟ ସମୟାନୁସାରେ ସକାଳ ୮.୫୪ମିନିଟରେ ହୋଇଥିଲା । ଭୂମିକମ୍ପର ତୀବ୍ରତା ୪.୨ ଥିଲା । ଘଉଝଏହାର ସୂଚନା ଦେଇଛି । ସୂଚନାନୁଯାୟୀ, ଆଜି ସକାଳେ ତିବ୍ବତ, ବଙ୍ଗୋପସାଗର ଏବଂ ମିଆଁମାରରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ତିବ୍ବତରେ ଭୂକମ୍ପର ତୀବ୍ରତା ୩.୮ ହୋଇଥିବାବେଳେ ବଙ୍ଗୋପସାଗରରେ ୪.୫ ତୀବ୍ରତା ଅନୁଭୂତ ହୋଇଥିଲା ଏବଂ ମିଆଁମାରରେ ୩.୯ ତୀବ୍ରତାରେ ଭୂକମ୍ପ ଅନୁଭୂତ ହୋଇଥିଲା । ଫଳରେ ସ୍ଥାନୀୟ ଲୋକେ ସବୁ ଘରୁ ବାହାରକୁ ଚାଲି ଯାଇଥିଲେ । କିଛି ସମୟ ପର୍ଯ୍ୟନ୍ତ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଆତଙ୍କ ସୃଷ୍ଟି ହୋଇଥିଲା । ଭୂକମ୍ପରେ କୌଣସି କ୍ଷୟକ୍ଷତିର ରିପୋର୍ଟ ଏପର୍ଯ୍ୟନ୍ତ ଆସିନାହିଁ । ଅନ୍ୟପଟେ ନିକଟରେ ଆଫଗାନିସ୍ତାନରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା । ସୂଚନା ଅନୁସାରେ ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୨ ରହିଥିଲା । ଭୂମିକମ୍ପ ପରେ ଲୋକଙ୍କ ମଧ୍ୟରେ ବିଶୃଙ୍ଖଳା ଦେଖାଦେଇଥିଲା ।ତେବେ ଭୂକମ୍ପ ପରେ ଲୋକମାନେ ଘରୁ ବାହାରକୁ ଦୌଡି ଆସିଥିଲେ । ସେହିପରି ଭାରତର ଅରୁଣାଚଳ ପ୍ରଦେଶରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର କହିଛି ଯେ ଭାରତୀୟ ମାନକ ସମୟ (ଓଝଞ) ସକାଳ ସମୟରେ ଅରୁଣାଚଳ ପ୍ରଦେଶର ଦେବାଙ୍ଗ ଉପତ୍ୟକାରେ ରିକ୍ଟର ସ୍କେଲରେ ୩.୮ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା ।

## ଶାହାଙ୍କ କ୍ଷମା ପ୍ରାର୍ଥନା ଖାରଜ

ନୂଆଦିଲ୍ଲୀ : କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ଉପରେ ବିବାଦୀୟ ବୟାନ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କ କ୍ଷମା ପ୍ରାର୍ଥନାକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଶାହାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଏକ ଝଓଞ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି,୩ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କ ଏହି ଏସଆଇଟି ମେ ୨୮ରେ ପ୍ରଥମ ଷ୍ଟାଟସ ରିପୋର୍ଟ ଦେବା ଉଚିତ। ଶୁଣାଣି ସମୟରେ, ବିଚାରପତିମାନେ ବିଜୟ ଶାହଙ୍କୁ କଡ଼ା ଭର୍ତ୍ସନା କରିଥିଲେ। ଅପରେଶନ ସିନ୍ଦୂର ସମୟରେ ସେନା ମୁଖପାତ୍ର ଭୂମିକା ଗ୍ରହଣ କରିଥିବା କର୍ଣ୍ଣେଲ ସୋଫିଆଙ୍କ ଉପରେ ବିଜୟ ଶାହଙ୍କ ବିବାଦୀୟ ବୟାନର ସ୍ୱତଃସ୍ଫୁର୍ତ ବିଚାର ମଧ୍ୟ ପ୍ରଦେଶ ହାଇକୋର୍ଟ କରିଥିଲା। ହାଇକୋର୍ଟ ମନ୍ତ୍ରୀଙ୍କ ବିରୋଧରେ ଏଫଆଇଆର ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶରୁ ରହିତାଦେଶ ପାଇବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଶାହଙ୍କ ପକ୍ଷରୁ ବରିଷ୍ଠ ଓକିଲ ମନିନ୍ଦର ସିଂହ ହାଜର ହୋଇଥିଲେ। ସେ ବିଚାରପତିମାନଙ୍କୁ କହିଥିଲେ, ବିଜୟ ଶାହ ଏହି ବକ୍ତବ୍ୟ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଏଥିରେ ସନ୍ତୁଷ୍ଟ ହୋଇନଥିଲେ। ଖଣ୍ଡପୀଠ କହିଛନ୍ତି, ଅନେକ ଲୋକ ଆଇନରୁ ରକ୍ଷା ପାଇବା ପାଇଁ କ୍ଷମା ପ୍ରାର୍ଥନା କରନ୍ତି କିମ୍ବା କୁମ୍ଭୀର କାନ୍ଦଣା କାନ୍ଦନ୍ତି। ବିଜୟ ଶାହଙ୍କ କ୍ଷମା ପ୍ରାର୍ଥନା ଉପରେ ପ୍ରଶ୍ନ ଉଠାଇ ସୁପ୍ରିମକୋର୍ଟ କହିଛନ୍ତି, ଯଦି ସେ ଏଥିପାଇଁ ଅନୁତାପ କରିଥାନ୍ତେ ତେବେ ସେ କିନ୍ତୁ ଏବଂ ପରନ୍ତୁ ବ୍ୟବହାର କରି ଦୁଃଖ ପ୍ରକାଶ କରି ନ ଥାନ୍ତେ। ଶାହା ଏବେ ବି ମନ୍ତ୍ରୀ ଥିବା କଥା ଇଙ୍ଗିତ କରି କୋର୍ଟ କହିଛନ୍ତି, ଏହା ମନେ ହେଉନାହିଁ ଯେ ସେ ତାଙ୍କ ବକ୍ତବ୍ୟ ପାଇଁ ପ୍ରକୃତରେ ଲଜ୍ଜିତ। ତାଙ୍କ ବକ୍ତବ୍ୟ ପାଇଁ ସାରା ଦେଶ କ୍ରୋଧିତ। ଏହି ବକ୍ତବ୍ୟ ପରେ ବହୁତ ସମୟ ବିତିଗଲାଣି। ଜଣେ ମନ୍ତ୍ରୀଙ୍କ ପଦବୀର ଏକ ମର୍ଯ୍ୟାଦା ଅଛି। ଜଣେ ମନ୍ତ୍ରୀଙ୍କ ଆଚରଣ ସମାଜ ପାଇଁ ଆଦର୍ଶ ହେବା ଉଚିତ। ଏହା ପରେ କୋର୍ଟ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଅର୍ଥାତ୍ ? ଝଓଞ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି,ଆମେ ୩ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କ ଏକ ଏସଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଉଛୁ। ମଧ୍ୟପ୍ରଦେଶର ଡିଜିପି ୨୦ ମେ ସକାଳ ୧୦ଟା ସୁଦ୍ଧା ଏହାକୁ ଗଠନ କରିବା ଉଚିତ। ଏସଆଇଟିର ତିନି ଜଣ ଆଇପିଏସ ଅଧିକାରୀ ମଧ୍ୟପ୍ରଦେଶ କ୍ୟାଡରର ହୋଇପାରନ୍ତି, କିନ୍ତୁ ସେମାନେ ମୂଳତଃ ମଧ୍ୟପ୍ରଦେଶର ହୋଇ ନ ଥିବେ। ତଦନ୍ତ ଦଳର ନେତୃତ୍ୱ ଜଣେ ଆଇଜି ରାଙ୍କ ଅଧିକାରୀଙ୍କ ଦ୍ୱାରା ନିଆଯିବା ଉଚିତ। ଏହି ଦଳରେ ଜଣେ ମହିଳା ଅଧିକାରୀ ମଧ୍ୟ ରହିବା ଉଚିତ। ପୋଲିସ ଦ୍ୱାରା ପଞ୍ଜିକୃତ ଏଫଆଇଆରକୁ ଏସଆଇଟିକୁ ହସ୍ତାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ ବିଜୟ ଶାହାଙ୍କ ଗିରଫଦାରୀ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଲଗାଇଥିଲେ। ସେ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବା ଉଚିତ। କୋର୍ଟ କହିଛନ୍ତି, ଏହା ତଦନ୍ତର ସମ୍ପୂର୍ଣ୍ଣ ତଦାରଖ କରିବ ନାହିଁ, କିନ୍ତୁ ସମୟ ସମୟରେ ଏହାକୁ ସ୍ଥିତି ରିପୋର୍ଟ ପ୍ରଦାନ କରିବା ଉଚିତ।

# ସମସ୍ତ ହାଇକୋର୍ଟର ବିଚାରପତି ପାଇବେ ପୂର୍ଣ୍ଣ ପେନସନ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ହାଇକୋର୍ଟର ସମସ୍ତ ବିଚାରପତିଙ୍କୁ ମିଳିବ ପୂର୍ଣ୍ଣ ପେନସନ । ହାଇକୋର୍ଟର ସମସ୍ତ ବିଚାରପତି ପାଇବେ ପୂର୍ଣ୍ଣ ପେନସନ । ଏ ନେଇ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ଆସିଛି । ସମସ୍ତ ହାଇକୋର୍ଟର ବିଚାରପତି ପୂର୍ଣ୍ଣ ପେନସନ ପାଇବାକୁ ହକଦାର ବୋଲି ପ୍ରଧାନ ବିଚାରପତି କହିଛନ୍ତି । ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ବାର୍ଷିକ ୧୫ ଲକ୍ଷ ପେନସନ ପାଇବେ । ବିଚାରପତି ଓ ଅତିରିକ୍ତ ବିଚାରପତି ବର୍ଷକୁ ୧୩ ଲକ୍ଷ ୬୦ ହଜାର ପେନସନ ପାଇବେ । ବିଚାରପତି ଓ ଅତିରିକ୍ତ ବିଚାରପତିଙ୍କ ବିଧବା ପତ୍ନୀଙ୍କୁ ଫ୍ୟାମିଲି ପେନସନ ମିଳିବ । ସମ୍ବିଧାନର ଧାରା ୧୪ ଅନୁଯାୟୀ, ସମାନତାର ଅଧିକାର ଉଲ୍ଲଂଘନ ହେବ ବୋଲି ମୁଖ୍ୟ ବିଚାରପତି



ବି ଆର ଗଭାଇ ଏବଂ ବିଚାରପତି ଅଗଷ୍ଟିନ ଜର୍ଜ ଖ୍ରୀଷ୍ଟଙ୍କ ଖଣ୍ଡପୀଠ କହିଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ, ସମସ୍ତଙ୍କୁ କେବେ ନିଯୁକ୍ତି ଦିଆଯାଇଥିଲା ଏବଂ ସେମାନେ ଅତିରିକ୍ତ ବିଚାରପତି ଭାବରେ ଅବସର ନେଇଥିଲେ କି ପରେ ସ୍ଥାୟୀ ହୋଇଥିଲେ ତାହା ନିର୍ବିଶେଷରେ ପୂର୍ଣ୍ଣ ପେନସନ ଦିଆଯିବ । ନିଯୁକ୍ତି କିମ୍ବା ପଦବୀର ସମୟ ଆଧାରରେ ବିଚାରପତିଙ୍କ ମଧ୍ୟରେ ପାତରଅନ୍ତର କରିବା ଏହି ମୌଳିକ ଅଧିକାରର ଉଲ୍ଲଂଘନ ହେବ । ସମ୍ବିଧାନର ଧାରା ୨୦୦ ଯାଞ୍ଚ କରାଯାଇଛି ଯାହା ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିମାନଙ୍କୁ ଦେୟ ପେନସନ ସହିତ ଜଡିତ ।

## ପାକ୍‌ର ସ୍ୱର୍ଣ୍ଣ ମନ୍ଦିର ଟାର୍ଗେଟ ବିଫଳ କରିଥିଲା ଆକାଶ ମିସାଇଲ



ନୂଆଦିଲ୍ଲୀ : ପାକ୍ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିଥିଲା ଭାରତୀୟ ସେନା । ପାକିସ୍ତାନର ଟାର୍ଗେଟରେ ଥିଲା ଅମୃତସର ସ୍ୱର୍ଣ୍ଣ ମନ୍ଦିର । କିନ୍ତୁ ଭାରତର ଆକାଶ ମିସାଇଲ ଓ ଖ-୭୦ ଶଙ୍କଭ ପାକ୍ ମିସାଇଲକୁ କରିଲା ଧରାଶାୟୀ । ଯାହାର ଖୁଲାସା କଲେ ମେଜର ଜେନେରାଲ । ତେବେ କିପରି ସ୍ୱର୍ଣ୍ଣ ମନ୍ଦିରକୁ ସୁରକ୍ଷିତ ରଖାଗଲା, ଏନେଇ ସୋମବାର ଆକାଶ ମିସାଇଲ ସିଷ୍ଟମ ଓ ଖ-୭୦ ଏୟାର ଡିଫେନ୍ସଏଟଘ ସମେତ ଡେମୋ ଦେଖାଇଲେ ଭାରତୀୟ ସେନା । ଅପରେସନ ସିନ୍ଦୂରରେ ପାକିସ୍ତାନର ଅନେକ ଆତଙ୍କୀ ଆଡ୍ଡା ଧ୍ୱଂସ ହେବା ପରେ ମେ ୮ ତାରିଖରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିର ଓ ପଞ୍ଜାବର ଅନ୍ୟ କିଛି ସହରକୁ ଟାର୍ଗେଟ କରି ମିସାଇଲ ଓ ଡ୍ରୋନ ଆକ୍ରମଣ କରିଥିଲା ପାକିସ୍ତାନ । କିନ୍ତୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ ସେଗୁଡିକୁ ଧରାଶାୟୀ କରିଥିଲା । ୧୫ ତମ ଇନଫେଣ୍ଟ୍ରି ଡିଭିଜନର ଜେନେରାଲ ଅଫିସର କମାଣ୍ଡିଂ, ମେଜର ଜେନେରାଲ କାର୍ତ୍ତିକ ଖୁଲାସା କରିଛନ୍ତି ଯେ, ସ୍ୱର୍ଣ୍ଣ ମନ୍ଦିରକୁ ଲକ୍ଷ୍ୟ କରି ଛଡାଯାଇଥିବା ସବୁ ଡ୍ରୋନ ଓ ମିସାଇଲକୁ ଭାରତୀୟ ଏୟାର ଡିଫେନ୍ସ ଗନର୍ସ ମାରି ଖସାଇ ଦେଇଥିଲେ । ମେଜର ଜେନେରାଲ କିହିଛନ୍ତି, ଭାରତ ପୂର୍ବରୁ ଅନୁମାନ କରିପାରିଥିଲା ଯେ, ଭାରତୀୟ ସେନା ପ୍ରତିଷ୍ଠାନ, ବେସାମରିକ ଭିତ୍ତିଭୂମି ଓ ଧାର୍ମିକ ସ୍ଥଳକୁ ନିଶାନା କରିବ ପାକିସ୍ତାନ । ତେଣୁ ଆମେ ପୁରାପୁରି ପ୍ରସ୍ତୁତ ଥିଲୁ । ସ୍ୱର୍ଣ୍ଣ ମନ୍ଦିର ସୁରକ୍ଷା ପାଇଁ ଅତିରିକ୍ତ ଆଧୁନିକ ଅସ୍ତ୍ର ପ୍ରସ୍ତୁତ କରି ରଖିଥିଲୁ । ମେ ୮ ସକାଳେ ପାକିସ୍ତାନ ସେନା ମୁଖ୍ୟତଃ ଡ୍ରୋନ ଓ ଲଙ୍ଗ ରେଞ୍ଜ ମିସାଇଲରେ ଏୟାର ଆଟାକ କରିଥିଲା । ଜବାବରେ ଆମ ଆର୍ମି ଏୟାର ଡିଫେନ୍ସ ଗନର୍ସ ପାକିସ୍ତାନୀ ସେନାର ଉଦ୍ୟମକୁ ପଣ୍ଡ କରିଦେଲେ । ଆକାଶ ମିସାଇଲ ଓ ଖ-୭୦ ଶଙ୍କଭ ସବୁ ଡ୍ରୋନ ଓ ମିସାଲକୁ ମାରି ଖସାଇଦେଇଥିଲେ । ଆଉ ଗୋଲଡେନ ଟେମ୍ପଲର କିଛି ବି କ୍ଷତି ହେଲା ନାହିଁ ।

## ଲଗାଣ ବର୍ଷାରେ ଉବୁଟୁବୁ ହେଉଛି ବେଙ୍ଗାଲୁରୁ

ନୂଆଦିଲ୍ଲୀ : କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରେ ପ୍ରବଳ ବର୍ଷା । ଲଗାଣ ବର୍ଷାରେ ଉବୁଟୁବୁ ହେଉଛି ବେଙ୍ଗାଲୁରୁ । ବିଭିନ୍ନ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି । ପାଣିରେ ବୁଡିରହିଛି ସିଲ୍କ ବୋର୍ଡ ଓ ଟିନ୍ ଫ୍ୟାକ୍ଟ୍ରି । ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିଛି । ତଳିଆ ଅଞ୍ଚଳ ଅଧା ବୁଡିଯାଇଛି । ରାସ୍ତାରେ ଟ୍ରାଫିକ ଜାମ୍ ରହିଛି । ପାଣିପାଗ ବିଭାଗ ପକ୍ଷରୁ ବର୍ଷା ଆଲର୍ଟ ଜାରି ରହିଛି । କେ ଆର୍ ପୁରମ୍ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ଜଳମଗ୍ନ । ଘଣ୍ଟା ଘଣ୍ଟା ଧରି ବର୍ଷା ହେବା ଯୋଗୁ ସହରର ବିଭିନ୍ନ ସ୍ଥାନରେ ପାଣି ଜମି ରହିଛି । ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ଏପରିକି ଟ୍ରାଫିକ ସମସ୍ୟା ଦେଖାଦେଇଛି । କିଛି ସ୍ଥାନରେ ଗଛ ଭାଙ୍ଗି ରାସ୍ତାରେ ପଡିଛି । ଡ୍ରେନେଜରେ ଅବ୍ୟବସ୍ଥା ଯୋଗୁ କିଛି ଲୋକଙ୍କ ଘରେ ପଶିଛି ପାଣି । କେ ଆର୍ ପୁରମ ବିଧାୟକ ଶ୍ରୀଯୁକ୍ତ ବସବ ରାଜ ବୁଲ୍ ଡୋଜର ଯୋଗେ ବୁଲିଲେ ଜଳମଗ୍ନ ହୋଇଥିବା ଅଞ୍ଚଳ ।



ତେବେ ସୋମବାର ସକାଳ ସୁଦ୍ଧା ବେଙ୍ଗାଲୁରୁରେ ୧୦୫.୫ ମିମି ବର୍ଷା ରେକର୍ଡ ହୋଇଛି । ଏହାପୂର୍ବରୁ ରବିବାର ଦିନ ବେଙ୍ଗାଲୁରୁରେ ପ୍ରବଳ ବର୍ଷା ହୋଇଥିଲା । ବେଙ୍ଗାଲୁରୁର ପ୍ରମୁଖ ଅଞ୍ଚଳରେ ଜଳବନ୍ଦୀ ହୋଇ ରହିଛନ୍ତି ଲୋକ । ଆଜିର ବର୍ଷା ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଇଛି । ବର୍ଷା ଯୋଗୁଁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି । ତଳିଆ ଅଞ୍ଚଳ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ।

## ଭାରତ ଏକ ଧର୍ମଶାଳା ନୁହେଁ: ଶ୍ରୀଲଙ୍କା ଆବେଦନ ଖାରଜ

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ସୋମବାର ଜଣେ ଶ୍ରୀଲଙ୍କା ନାଗରିକଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି, ଯିଏ ଜେଲ ଦଣ୍ଡ ଭୋଗ କରିବା ପରେ ପ୍ରତ୍ୟାର୍ପଣକୁ ଚ୍ୟାଲେଞ୍ଜ କରିଥିଲେ। କୋର୍ଟ କହିଛନ୍ତି ଯେ ଭାରତ ଏକ ଧର୍ମଶାଳା ନୁହେଁ ଯେଉଁଠାରେ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ଶରଣାର୍ଥୀମାନଙ୍କୁ ଆଶ୍ରୟ ଦିଆଯାଇପାରିବ। "କ'ଣ ଭାରତ ସାରା ବିଶ୍ୱରୁ ଶରଣାର୍ଥୀମାନଙ୍କୁ ଆଶ୍ରୟ ଦେବ ? ଆମେ ପୂର୍ବରୁ ହିଁ ୧୪୦ କୋଟି ଜନସଂଖ୍ୟା ସହିତ ସଂଘର୍ଷ କରୁଛୁ। ଏହା ଏକ ଧର୍ମଶାଳା ନୁହେଁ ଯେଉଁଠାରେ ଆମେ ସବୁଠାରୁ ଆସିଥିବା ବିଦେଶୀ ନାଗରିକମାନଙ୍କୁ ମନୋରଞ୍ଜନ କରିପାରିବୁ," ଜଷ୍ଟିସ ଦୀପଙ୍କର ଦତ୍ତ ଏବଂ କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ବେଞ୍ଚ କହିଛନ୍ତି। ଆବେଦନକାରୀ, ଜଣେ ଶ୍ରୀଲଙ୍କା ତାମିଲ ନାଗରିକ, ପ୍ରତ୍ୟାରପନରୁ ସୁରକ୍ଷା ମାଗିଥିଲେ, କାରଣ ସେ ନିଜ ଦେଶକୁ ଫେରିଗଲେ ତାଙ୍କ ଜୀବନକୁ ବିପଦ ହେବ ବୋଲି ଦାବି କରିଥିଲେ। ତଥାପି, ବେଞ୍ଚ ଏହାଦ୍ୱାରା ପ୍ରଭାବିତ ହୋଇନଥିଲେ। "ଅନ୍ୟ କୌଣସି ଦେଶକୁ ଯାଅ," ବିଚାରପତିମାନେ ମନ୍ତବ୍ୟ ଦେଇ ଆବେଦନକୁ ଖାରଜ କରିଦେଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ମାଡ୍ରାସ ହାଇକୋର୍ଟର ଏକ ଆଦେଶକୁ ଚ୍ୟାଲେଞ୍ଜ କରୁଥିବା ଏକ ଆବେଦନର ଶୁଣାଣି କରୁଥିଲେ, ଯେଉଁଥିରେ ଆବେଦନକାରୀଙ୍କୁ, ଯିଏ ବେଆଇନ କାର୍ଯ୍ୟକଳାପ (ନିଷେଧ) ଅଧିନିୟମ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିଲେ, ୭ ବର୍ଷର ଦଣ୍ଡ ଶେଷ ହେବା ପରେ ତୁରନ୍ତ ନିଷ୍କାସନ କରାଯିବା ନିର୍ଦ୍ଦେଶ ଦିଆଯାଇଥିଲା। ଶୁଣାଣି ସମୟରେ, ଆବେଦନକାରୀଙ୍କ ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ ସେ ଦଣ୍ଡ ଶେଷ ହେବା ପରେ ପ୍ରାୟ ତିନି ବର୍ଷ ଧରି ହେପାଜତରେ ରହିଛନ୍ତି, କିନ୍ତୁ ପ୍ରତ୍ୟାରପଣ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ସେ ଆହୁରି ମଧ୍ୟ କହିଥିଲେ ଯେ ଆବେଦନକାରୀ, ଯିଏ ଭିସାରେ ଭାରତକୁ ପ୍ରବେଶ କରିଥିଲେ, ଶ୍ରୀଲଙ୍କାକୁ ଫେରିଗଲେ ତାଙ୍କ ଜୀବନକୁ ଗମ୍ଭୀର ବିପଦ ହେବ। ତଥାପି, ବେଞ୍ଚ ଅଟଳ ରହିଥିଲେ। ଜଷ୍ଟିସ ଦତ୍ତ ପଚାରିଥିଲେ, "ଏଠାରେ ବସବାସ କରିବାର ତୁମର ଅଧିକାର କ'ଣ ?" ଆଇନଜୀବୀ ଉତ୍ତର ଦେଇଥିଲେ ଯେ ଆବେଦନକାରୀ ଜଣେ ଶରଣାର୍ଥୀ ଏବଂ ତାଙ୍କ ପତ୍ନୀ ଏବଂ ସନ୍ତାନମାନେ ପୂର୍ବରୁ ଭାରତରେ ବସବାସ କରୁଛନ୍ତି। ଜଷ୍ଟିସ ଦତ୍ତ, ଆବେଦନକୁ ଖାରଜ କରି, କହିଥିଲେ ଯେ ଆଟକ ଆଇନ ଅନୁଯାୟୀ ହୋଇଥିବାରୁ ଧାରା ୨୧ ଉଲ୍ଲଂଘନ ହୋଇନାହିଁ। ସେ ସ୍ପଷ୍ଟ କରିଥିଲେ ଯେ ଧାରା ୧୯ ଅନୁଯାୟୀ ଭାରତରେ ବସବାସ କରିବାର ମୌଳିକ ଅଧିକାର କେବଳ ଭାରତୀୟ ନାଗରିକମାନଙ୍କ ପାଇଁ ସଂରକ୍ଷିତ।

# ଯୁଦ୍ଧବନ୍ଦରେ ଆମେରିକାର କୌଣସି ଭୂମିକା ନାହିଁ

ନୁଆଦିଲ୍ଲୀ : ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ସୋମବାର ଏକ ସଂସଦୀୟ କମିଟିକୁ କହିଛନ୍ତି ଯେ ଭାରତ-ପାକିସ୍ତାନ ଯୁଦ୍ଧବିରତି ସ୍ଥାପନରେ ଆମେରିକାର କୌଣସି ଭୂମିକା ନଥିଲା। ସେ ଦୃଢ଼ତାର ସହ କହିଛନ୍ତି ଯେ ସାମରିକ କାର୍ଯ୍ୟକଳାପ ବନ୍ଦ କରିବାର ନିଷ୍ପତ୍ତି ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସ୍ତରରେ ନିଆଯାଇଥିଲା। ମିଶ୍ରୀଙ୍କର ଏହି ମନ୍ତବ୍ୟ କେତେକ ବିରୋଧୀ ସଦସ୍ୟଙ୍କ ପ୍ରଶ୍ନ ପରେ ଆସିଛି, ଯେଉଁମାନେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ବାରମ୍ବାର ଦାବିକୁ ନେଇ ପ୍ରଶ୍ନ ଉଠାଇଥିଲେ ଯେ ତାଙ୍କ ପ୍ରଶାସନ ସଂଘର୍ଷ ବନ୍ଦ କରିବାରେ ଭୂମିକା ନିଭାଇଛି। "ଟ୍ରମ୍ପ ଅତି କମରେ ସାତ ଥର ସାର୍ବଜନୀନ ଭାବେ ଦାବି କରିଛନ୍ତି ଯେ ସେ ଯୁଦ୍ଧବିରତିରେ ସହାୟତା କରିଛନ୍ତି। ଭାରତ କାହିଁକି ନୀରବ ରହିଲା ?" ପ୍ୟାନେଲର ଜଣେ ସଦସ୍ୟ ପଚାରିଥିଲେ। ଅନ୍ୟ ଜଣେ ସ୍ପଷ୍ଟ ଭାବେ ପ୍ରଶ୍ନ କରିଥିଲେ ଯେ କାହିଁକି ଭାରତ "ଟ୍ରମ୍ପଙ୍କୁ ବାରମ୍ବାର ବିବରଣୀ ହାତେଇ ନେବାକୁ ଅନୁମତି ଦେଲା", ବିଶେଷକରି ଯେତେବେଳେ ସେ ବାରମ୍ବାର ତାଙ୍କ ବୟାନରେ କାଶ୍ମୀରର ଉଲ୍ଲେଖ କରୁଥିଲେ। ସୂତ୍ର ଅନୁଯାୟୀ, ବୈଦେଶିକ ସଚିବ ଏହି ଦାବିଗୁଡ଼ିକୁ ଖଣ୍ଡନ କରି କହିଛନ୍ତି ଯେ ଭାରତ-ପାକିସ୍ତାନ ଯୁଦ୍ଧବିରତି ଏକ ଦ୍ୱିପାକ୍ଷିକ ନିଷ୍ପତ୍ତି ଥିଲା ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଜଡ଼ିତ ନଥିଲା। "ଯୁଦ୍ଧବିରତି ଚୁକ୍ତିରେ ଆମେରିକାର ବିଲକୁଲ କୌଣସି ଭୂମିକା ନଥିଲା," ମିଶ୍ରୀ ପ୍ୟାନେଲକୁ କହିଥିଲେ। "ଡୋନାଲ୍ଡ ଟ୍ରମ୍ପ ମଞ୍ଚରେ ଆସିବା ପାଇଁ ଆମ ଅନୁମତି ନେଇ ନଥିଲେ। ସେ ମଞ୍ଚରେ ଆସିବାକୁ ଚାହୁଁଥିଲେ, ତେଣୁ ସେ ଆସିଲେ," ସେ ଆହୁରି ଯୋଡ଼ିଥିଲେ। 'ପାକିସ୍ତାନ ପକ୍ଷରୁ କୌଣସି ପରମାଣୁ ସଙ୍କେତ ନାହିଁ' ଏହାଛଡ଼ା, ବୈଦେଶିକ ସଚିବ ମଧ୍ୟ ପୁନର୍ବାର କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷ ପାରମ୍ପରିକ ଯୁଦ୍ଧର ସୀମା ମଧ୍ୟରେ ରହିଥିଲା, ଏବଂ ଇସଲାମାବାଦ ପକ୍ଷରୁ କୌଣସି ପରମାଣୁ ଅବସ୍ଥାନ କିମ୍ବା ସଙ୍କେତର କୌଣସି ପ୍ରମାଣ ମିଳିନଥିଲା। ଦୁଇ ଦେଶର ସାମରିକ କାର୍ଯ୍ୟକଳାପ



ନିର୍ଦ୍ଦେଶକ ମେ ୧୦ ତାରିଖରେ ସମସ୍ତ ସାମରିକ କାର୍ଯ୍ୟକଳାପ ବନ୍ଦ କରିବା ଉପରେ ଏକ ବୁଝାମଣାରେ ପହଞ୍ଚିଥିଲେ। ଯେତେବେଳେ ବିରୋଧୀ ସଦସ୍ୟମାନେ ପାକିସ୍ତାନ ଦ୍ୱାରା ଚୀନ ମୂଳରୁ ସାମରିକ ସାମଗ୍ରୀ ବ୍ୟବହାର ନେଇ ଚିନ୍ତା ପ୍ରକାଶ କରିଥିଲେ, ବିକ୍ରମ ମିଶ୍ରୀ କହିଥିଲେ, "ସେମାନେ କ'ଣ ବ୍ୟବହାର କରିଥିଲେ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ; ଗୁରୁତ୍ୱପୂର୍ଣ୍ଣ ହେଉଛି ଆମେ ସେମାନଙ୍କ ବାୟୁସେନା ଘାଟିଗୁଡ଼ିକୁ ଜୋରଦାର ଆଘାତ କରିଥିଲୁ।" ଶତ୍ରୁତା ସମୟରେ ଭାରତୀୟ ବିମାନ କ୍ଷୟ ସଂଖ୍ୟା ବିଷୟରେ ପଚାରିବାରୁ, ବୈଦେଶିକ ସଚିବ ଜାତୀୟ ସୁରକ୍ଷା ଚିନ୍ତା ଦର୍ଶାଇ ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ। ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ଏକ ବୟାନ ଉପରେ ପ୍ରଶ୍ନ ଉଠିବାରୁ, ମିଶ୍ରୀ ସଦସ୍ୟମାନଙ୍କୁ ମନ୍ତ୍ରୀଙ୍କ ଶବ୍ଦକୁ ଭୁଲ ବୁଝିବା ନେଇ ସତର୍କ କରିଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ଜୟଶଙ୍କର କହିଥିଲେ ଯେ ଅପରେସନ ସିନ୍ଦୁରର ପ୍ରଥମ ପର୍ଯ୍ୟାୟ ପରେ ନୂଆଦିଲ୍ଲୀ ଇସଲାମାବାଦକୁ ସୂଚନା ଦେଇଥିଲା ଯେ କେବଳ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ଚଙକ) ରେ ଥିବା ଆତଙ୍କବାଦୀ ଲକ୍ଷ୍ୟଗୁଡ଼ିକୁ ଆଘାତ କରାଯାଇଛି। କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂସଦର ବୈଦେଶିକ ବ୍ୟାପାର ସ୍ଥାୟୀ କମିଟିର ବୈଠକରେ ତୃଣମୂଳର ଅଭିଷେକ ବାନାର୍ଜୀ, କଂଗ୍ରେସର ରାଜୀବ ଶୁକ୍ଲା ଏବଂ ଦୀପେନ୍ଦର ହୁଡା, ଇଓଗଓଗ ମୁଖ୍ୟ ଆସାଦୁଦ୍ଦିନ ଓୱେସୀ, ଏବଂ ଭାଜପା ଏମପି ଅପରାଜିତା ଷଡ଼ଙ୍ଗୀ ଏବଂ ଅରୁଣ ଗୋଭିଲ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ। ଏହି ବୈଠକ ଅପରେସନ ସିନ୍ଦୁର, ଯାହା ପହଲଗାମ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଭାରତର ସାମରିକ ଜବାବ ଥିଲା, ଏବଂ ଦୁଇ ପରମାଣୁ ଅସ୍ତ୍ରଧାରୀ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପରେ ଅନୁଷ୍ଠିତ ହୋଇଥିଲା।

# ଏସିଆ କପ୍‌ରୁ ଓହରିବ ନାହିଁ ଭାରତ

## ବିସିସିଆଇର ବଡ଼ ଘୋଷଣା

ନୂଆଦିଲ୍ଲୀ, ୧୯।୫: ଭାରତ ଆସନ୍ତା ପୁରୁଷ ଏସିଆ କପ୍ ଓ ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍‌ରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିବା ଯେଉଁ ରିପୋର୍ଟ ପ୍ରକାଶ ପାଇଛି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାହାର ଦୃଢ ଖଣ୍ଡନ କରିବା ସହ ଏହା ଅନୁମାନ ଓ କାଳ୍ପନିକ ବୋଲି କହିଛି।

ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି ଯେ, କିଛି ଦିନ ତଳର ଦୁଇ ପଡ଼ୋଶୀ ରାଷ୍ଟ୍ରରେ ସାମରିକ ବିବାଦକୁ ନେଇ ବିସିସିଆଇ ଭାରତୀୟ ଦଳକୁ ଏସିଆନ କ୍ରିକେଟ କାଉନ୍‌ସିଲ(ଏସିସି)ର ଦୁଇଟି ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ଅନୁମତି ଦେବ ନାହିଁ କାରଣ ପାକିସ୍ତାନର ଆଭ୍ୟନ୍ତରିଣ ବ୍ୟାପାର ମନ୍ତ୍ରୀ ମହସିନ ନକ୍‌ଭି ଏସିସିର ସଭାପତି ଥିବା ବେଳେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଚେୟାରମ୍ୟାନ ଅଛନ୍ତି।





ଗତଥରର ଚାମ୍ପିୟନ ଭାରତ ସେପ୍ଟେମ୍ବରରେ ଟି୨୦ ଫର୍ମାଟରେ ଖେଳାଯାଉଥିବା ପୁରୁଷ ଏସିଆ କପର ଆୟୋଜକ। ଅନ୍ୟପକ୍ଷେ ଶ୍ରୀଲଙ୍କା ମହିଳା ଏମର୍ଜିଂ ଟିମ୍ସ ଏସିଆ କପର ଆୟୋଜକ ହୋଇଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ସୋମବାର ସକାଳେ କିଛି ଖବର ଆମ ନଜରକୁ ଆସିଛି। ଆସନ୍ତା ଏସିଆ କପ୍ ଓ ମହିଳା ଏମର୍ଜିଂ ଟିମ୍ସ ଏସିଆ କପରେ ଭାରତ ଅଂଶଗ୍ରହଣ ନ କରିବା ଲାଗି ବିସିସିଆଇ ନିଷ୍ପତ୍ତି ନେଇଥିବା ଏଥିରେ ପ୍ରକାଶ ପାଇଛି। ଏଭଳି ଖବରର କୌଣସି ସତ୍ୟତା ନାହିଁ।ବିସିସିଆଇରେ ଏହି ପ୍ରସଙ୍ଗରେ ଏପରିକି କୌଣସି ଆଲୋଚନା ହୋଇ ନାହିଁ। ସାଇକିଆ କହିଛନ୍ତି, ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) କିପରି ସୁଚାରୁ ପରିଚାଳିତ ହେବ ଏବଂ ଆସନ୍ତାମାସରେ ଇଂଲଣ୍ଡ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଉପରେ ବିସିସିଆଇର ନଜର ରହିଛି। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଏ। ତେବେ ତାହା ଗଣମାଧ୍ୟମ ଜରିଆରେ ଘୋଷଣା କରାଯିବ ବୋଲି ସେ କହିଛନ୍ତି।ପୁରୁଷ ଏସିଆ କପ ଚଳିତ ବର୍ଷ ସେପ୍ଟେମ୍ବରରେ ଅନୁଷ୍ଠିତ ହେବାକୁ ଯାଉଛି, ଯାହା ଭାରତ ଦ୍ୱାରା ଆୟୋଜିତ ହେବ ।ବିସିସିଆଇର ଏହି ମନୋଭାବ ଯୋଗୁ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ ମଧ୍ୟ ପ୍ରଶ୍ନବାଚୀ ଘେରରେ ଭାରତ, ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନ ଏବଂ ଶ୍ରୀଲଙ୍କାକୁ ନେଇ ଏହି ଟୁର୍ଣ୍ଣାମେଣ୍ଟକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇପାରେ।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୦୯ | ୦୩ | ୧୮ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୦୮ | ୦୩ | ୧୭ |
| ପଞ୍ଜାବ କିଙ୍ଗ୍‌ସ | ୧୨ | ୦୮ | ୦୩ | ୧୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୦୭ | ୦୫ | ୧୪ |
| ଦିଲ୍ଲୀ କ୍ୟାପିଟାଲ୍ | ୧୨ | ୦୬ | ୦୪ | ୧୩ |
| କୋଲକାତା ନାଇଟ୍ ରାଇଡର୍ସ | ୧୩ | ୦୫ | ୦୬ | ୧୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୨ | ୦୫ | ୦୭ | ୧୦ |
| ସନରାଇଜର୍ସ ହାଇଦ୍ରାବାଦ | ୧୨ | ୦୪ | ୦୭ | ୦୯ |
| ରାଜସ୍ଥାନ ରୟାଲ୍‌ସ | ୧୩ | ୦୩ | ୧୦ | ୦୬ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୧୨ | ୦୩ | ୦୯ | ୦୬ |

# କରୋନାରେ ସଂକ୍ରମିତ ହେଲେ ଟ୍ରାଭିସ୍ ହେଡ୍

ହାଇଦ୍ରାବାଦ, ୧୦୫: ହାଇଭୋଲଟେଜ ମ୍ୟାଚ ପୂର୍ବରୁ ହାଇଦ୍ରାବାଦକୁ ଲାଗିଛି ଏକ ବଡ଼ ଝଟକା । ହାଇଦ୍ରାବାଦର ବିସ୍ଫୋରକ ବ୍ୟାଟର ଟ୍ରାଭିସ ହେଡ କରୋନାରେ ସଂକ୍ରମିତ ହୋଇଛନ୍ତି ।ଏନେଇ ସେ ସୋମବାର ମ୍ୟାଚ ଖେଳିପାରିବେ ନାହିଁ ବୋଲି



ହାଇଦ୍ରାବାଦ ଦଳର ମୁଖ୍ୟ ପ୍ରଶିକ୍ଷକ ଡାନିଏଲ ଭିଟୋରି କହିଛନ୍ତି। ହେଡ କରୋନା ପଜିଟିଭ ହୋଇଛନ୍ତି, ଏନେଇ ସେ ଭାରତ ଆସିପାରି ନାହାନ୍ତି ଦଳ ପକ୍ଷରୁ ଆଶା କରାଯାଉଛି ଯେ, ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପରବର୍ତ୍ତୀ ମ୍ୟାଚ୍‌ରେ ଦଳରେ ଯୋଗଦେବେ ।ଭାରତ-ପାକିସ୍ତାନ ଉତ୍ତେଜନା କାରଣରୁ ବନ୍ଦ ହୋଇଥିବା ଆଇପିଏଲ ୧୭ ତାରିଖରୁ ପୁଣି ଆରମ୍ଭ ହୋଇଛି। ସୋମବାର ର ୬୧ତମ ମ୍ୟାଚ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯିବ । ତେବେ ଏହି ମ୍ୟାଚ ଆଇପିଏଲ ପ୍ଲେଅଫ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ରିଷଭ ପନ୍ତଙ୍କ ଅଧିନାୟକତ୍ୱରେ ଲକ୍ଷ୍ନୌ ସୁପର ଜିଆଣ୍ଟସ ଏହି ମ୍ୟାଚ୍ ପରାଜୟ ବରଣ କରେ ତେବେ ପ୍ଲେଅଫ ରେସ୍‌ରୁ ବାଦ ପଡିବ।

# ଅପରେଶନ ସିନ୍ଦୂର ବେଳେ ବାପା-ମା ପିଓକେରେ ଥିଲେ : ମୋଇନ ଅଲୀ

କୋଲକାତା, ୧୯।୫: ଭାରତ ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂର ବେଳେ ଇଂଲଣ୍ଡ ତଥା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଅଲରାଉଣ୍ଡର ମୋଇନ ଅଲୀଙ୍କ ବାପା-ମା ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଥିଲେ। ଏ ନେଇ ମୋଇନ ନିଜେ ସୋମବାର ପ୍ରକାଶ କରିଛନ୍ତି।



ମୋ ବାପା-ମା ଅପରେଶନ ସିନ୍ଦୂର ବେଳେ ପିଓକେରେ ଥିଲେ ସେମାନେ ରହୁଥିବା ସ୍ଥାନଠାରୁ ଘଣ୍ଟାଏ ଦୂରରେ ଭାରତ ଦ୍ୱାରା ଷ୍ଟ୍ରାଇକ୍ କରାଯାଇଥିଲା ପରେ ସେହି ଦିନ ଫ୍ଲାଇଟ୍ସ ଜରିଆରେ ପିଓକେରୁ ଚାଲିଯାଇଥିଲେ ସେମାନେ ବାହାରିପାରିଥିବାରୁ ମୁଁ ବହୁତ ଖୁସି ବୋଲି ଅଲୀ ଏକ ପଡକାଷ୍ଟରେ କହିଛନ୍ତି

ଏତଦ୍ ବ୍ୟତୀତ ଏକ ସପ୍ତାହ ପାଇଁ ଆଇପିଏଲ୍ ବାଧାପ୍ରାପ୍ତ ହେବା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ପିଓକେ ଉପରେ ଭାରତ ଦ୍ୱାରା ଷ୍ଟ୍ରାଇକ୍ କରାଯିବା ପରେ ସବୁ କିଛି ଆରମ୍ଭ ହୋଇଥିଲା ଏହାପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା। ଯୁଦ୍ଧ ମଧ୍ୟରେ ଥିବା ଭଳି ଅନୁଭବ ହେଉଥିଲା। କିନ୍ତୁ ଆମେ କୌଣସି ମିସାଇଲ ଷ୍ଟ୍ରାଇକ୍ କରୁଥିବାର ଶବ୍ଦ ଶୁଣି ନାହୁଁ। ଆମେ ଯେମିତି ହେଲେ ସ୍ୱଦେଶ ଫେରିବାକୁ ଚାହୁଁଥିଲୁ। କାରଣ ଆମ ପରିବାର ଲୋକେ ଆମ ଲାଗି ଚିନ୍ତିତ ଥିଲେ। କଣ ଘଟୁଥିଲା ସେ ସମ୍ପର୍କରେ ଆମକୁ ସବୁ କିଛି ଜଣା ନ ଥିଲା ।କିଛି କହୁଥିଲେ ଯେ, ଯୁଦ୍ଧ ହେବ ନାହିଁ ସବୁ କିଛି ଠିକ ହୋଇଯିବ। ଏଭଳି ଘଟଣା ପୂର୍ବରୁ ଘଟିଛି। ଅନ୍ୟ କିଛି ଲୋକେ ଯୁଦ୍ଧ ହେବ କହୁଥିଲେ। ଲୋକେ ଏତେ ମିଛ କହୁଥିଲେ ଯେ, ସେମାନଙ୍କ କଥା ଉପରେ ଭରସା କରିବା କଷ୍ଟକର ଥିଲା। ଫ୍ଲାଇଟ୍ସ ବାରମ୍ବାର ବାତିଲ ହେଉଥିବାରୁ ଆମକୁ ଯିବାରେ ବିଳମ୍ବ ହୋଇଥିଲା। ଏଥିଯୋଗୁ ଆମେ ଅଧିକ ଚିନ୍ତିତ ଥିଲୁ।

# ଅରେଞ୍ଜ କ୍ୟାପ୍ ରେସରେ ସାଇ ସୁଦର୍ଶନ ଆଗୁଆ

ନୂଆଦିଲ୍ଲୀ, ୧୯।୫: ଆଇପିଏଲ୍ ୨୦୨୫ରେ ରବିବାର ଡବଲ ହେଡର ମ୍ୟାଚ୍ ଖେଳା ଯାଇଛି ଡବଲ୍ ହେଡର ମୁକାବିଲା ପରେ ଅରେଞ୍ଜ କ୍ୟାପ୍ ଦୌଡ଼ ଆହୁରି ରୋମାଞ୍ଚକର ହୋଇଛି। ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ପରେ ଅରେଞ୍ଜ କ୍ୟାପ୍ ଦୌଡ଼ରେ ବହୁତ ବଡ଼ ପରିବର୍ତ୍ତନ ହୋଇଛି ଜିଟିର ଓପନିଂ ବ୍ୟାଟର ସାଇ ସୁଦର୍ଶନ ପୁଣି ଥରେ ଅରେଞ୍ଜ କ୍ୟାପ୍ ନିଜ ପାଖକୁ ଆଣି ପାରିଛନ୍ତି ।ସେ ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ କରିବା ସହ ଚଳିତ ସଂସ୍କରଣରେ ୧୨ଟି ମ୍ୟାଚ୍‌ରେ ୬୧୭ ରନ କରିଛନ୍ତି ଏହି ଶତକୀୟ ଇନିଂସ ଜରିଆରେ ସାଇ ସୁଦର୍ଶନ ରାଜସ୍ଥାନ ରୟାଲ୍ସର ବ୍ୟାଟର ଯଶସ୍ୱୀ ଜୟସ୍ୱାଲଙ୍କୁ ଅରେଞ୍ଜ କ୍ୟାପ୍ ଦୌଡ଼ରେ ପଛରେ ପକାଇଛନ୍ତି। ଜୟସ୍ୱାଲ ଗତକାଲି ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ୫୦ ରନ କରି ସୂର୍ଯ୍ୟକୁମାର ଯାଦବଙ୍କଠୁ ଅରେଞ୍ଜ କ୍ୟାପ୍ ଛଡ଼ାଇ ନେଇଥିଲେ ହେଲେ ଯଶସ୍ୱୀଙ୍କ ପାଖରେ ଅରେଞ୍ଜ କ୍ୟାପ୍ କିଛି ଘଣ୍ଟା ରହିଥିଲା। ଆଇପିଏଲ୍‌ର ୬୦ତମ ମ୍ୟାଚ୍ ସୁଦ୍ଧା ଅରେଞ୍ଜ କପ୍ ଦୌଡ଼ରେ ଯଶସ୍ୱ



ବର୍ତ୍ତମାନ ତୃତୀୟ ସ୍ଥାନରେ ଅଛନ୍ତି ସେ ଚଳିତ ଆଇପିଏଲ୍‌ରେ ୧୩ଟି ମ୍ୟାଚ୍ ଖେଳି ୫୨୩ ରନ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ତାରକା ବ୍ୟାଟର ସୂର୍ଯ୍ୟକୁମାର ଯାଦବ ତାଲିକାରେ ଚତୁର୍ଥ ସ୍ଥାନରେ ଅଛନ୍ତି ।ସେ ୧୨ଟି ମ୍ୟାଚ୍‌ରେ ୫୧୦ ରନ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି)ର ତାରକା ବ୍ୟାଟର ବିରାଟ କୋହଲି ତାଲିକାରେ ପଞ୍ଚମ ସ୍ଥାନରେ ଅଛନ୍ତି। ସେ ୧୧ଟି ମ୍ୟାଚ୍‌ରେ ୫୦୫ ରନ କରିଛନ୍ତି ।ଗୁଜରାଟର ଅଧିନାୟକ ଶୁଭମନ ଗିଲ୍ ୧୨ଟି ମ୍ୟାଚ୍ ଖେଳି ୬୦୧ ରନ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି ।ଗିଲ୍ ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ୫୩ ବଲ୍‌ରୁ ୯୩ ରନର ଅପରାଜିତ ଇନିଂସ ଖେଳିଛନ୍ତି।

ଉଲ୍ଲେଖନୀୟ ଚଳିତ ସିଜିନରେ ବ୍ୟାଟରଙ୍କ ଦବଦବା ଦେଖିବାକୁ ମିଳିଛି ଜଣେ କି ଦୁଇ ଜଣ ବ୍ୟାଟର ନୁହେଁ, ଏ ପର୍ଯ୍ୟନ୍ତ ୬ ଜଣ ବ୍ୟାଟର ୫୦୦ରୁ ଉର୍ଦ୍ଧ୍ୱ ରନ କରି ସାରିଛନ୍ତି। ଜୋସ ବଟଲର ୧୨ଟି ମ୍ୟାଚ୍‌ରେ ୫୦୦ ରନ କରି ଷଷ୍ଠ ସ୍ଥାନରେ ଅଛନ୍ତି। ପ୍ରତି ମ୍ୟାଚ୍‌ରେ ଅରେଞ୍ଜ କ୍ୟାପ୍ ହୋଲଡ୍‌ର ବଦଳିବାରେ ଲାଗିଛନ୍ତି ।ତେଣୁ ଏବେଠୁ କହିବା ମୁସ୍କିଲ ଯେ, ଆଇପିଏଲ୍ ୨୦୨୫ରେ କେଉଁ ବ୍ୟାଟର ଅରେଞ୍ଜ କ୍ୟାପ୍ ହାତେଇବେ

ଅରେଞ୍ଜ କ୍ୟାପ୍ ଲିଷ୍ଟ

ସାଇ ସୁଦର୍ଶନ- ମ୍ୟାଚ୍ ୧୨, ୬୧୭ ରନ, ହାର ୫୬.୦୯

ଶୁଭମନ ଗିଲ୍- ମ୍ୟାଚ୍ ୧୨, ୬୦୧ ରନ, ହାର ୬୦.୧୦

ଯଶସ୍ୱୀ ଜୟସ୍ୱାଲ- ମ୍ୟାଚ୍ ୧୩, ୫୨୩ ରନ, ହାର ୪୩.୫୮

ସୂର୍ଯ୍ୟକୁମାର ଯାଦବ- ମ୍ୟାଚ୍ ୧୨, ୫୧୦ ରନ, ହାର ୬୩.୭୫

ବିରାଟ କୋହଲି- ମ୍ୟାଚ୍ ୧୧, ୫୦୫ ରନ, ହାର ୬୩.୧୨

ଜୋସ ବଟଲର- ମ୍ୟାଚ୍ ୧୨, ୫୦୦ ରନ, ହାର ୭୧.୪୨

# ଲୋକେଶ ରାହୁଲଙ୍କ ମାଇଲଖୁଣ୍ଟ

ନୂଆଦିଲ୍ଲୀ, ୧୯।୫(ଏଜେନ୍ସି): ଗୁଜରଟା ବିପକ୍ଷରେ ଶତକ ହାସଲ କରି କ୍ୟାରିୟରର ଏକ ପ୍ରମୁଖ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ବ୍ୟାଟର କେଏଲ ରାହୁଲ ଆଜି ସେ ମାତ୍ର ୬୦ ବଲ୍‌ରେ ଶତକ ହାସଲ କରିଥିବା ବେଳେ ୬୫ ବଲ୍‌ରେ ମୋଟ ୧୧୨ ରନ୍ କରିଥିଲେ। ଏହି ଶତକ ସହିତ ସେ ଟି-୨୦ କ୍ରିକେଟରେ ୮,୦୦୦ ରନ ପୂରଣ କରିବାରେ ଦ୍ରୁତତମ ଭାରତୀୟ ବ୍ୟାଟର ହୋଇଛନ୍ତି।

ଏହି ମ୍ୟାଚ୍ ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯାଉଥିଲା। ଏହି ମ୍ୟାଚ୍ ଉଭୟ ରାହୁଲଙ୍କ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ସଂକଟ ସମୟରେ ଦଳ ପାଇଁ ସଂକଟ ମୋଚନ ହୋଇ ରାହୁଲ ଗୁଜୁରାଟ ଟାଇଟାନ୍ସର ଲଡୁଆ। ବୋଲିଂ ବିପକ୍ଷରେ ଶତକ ହାସଲ କରିଥିଲେ। ଟି-୨୦ କ୍ରିକେଟ୍ ୮,୦୦୦ ରନ ପୂରା କରିବା ପାଇଁ ତାଙ୍କୁ ମାତ୍ର ୩୩ ରନ ଆବଶ୍ୟକ ଥିଲା। ପାୱାରପ୍ଲେ ସମୟରେ ରାହୁଲ ଏହି ସଫଳତା ନିଜ ନାଁରେ କରି ନେଇଥିଲେ। ଏପରି କରି ସେ ବିରାଟ କୋହଲିଙ୍କୁ ପଛରେ ପକାଇ ଦେଇଛନ୍ତି। ଟି-୨୦ କ୍ରିକେଟ୍‌ରେ ରାହୁଲ ମାତ୍ର ୨୨୪ ଇନିଂସ୍ ଖେଳି ୮,୦୦୦ ରନ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି ତାଙ୍କ ପୂର୍ବରୁ ବିରାଟ କୋହଲି ଏହି ରେକର୍ଡର ଅଧିକାରୀ ଥିଲେ। ହେଲେ ବିରାଟଙ୍କୁ ଏହି ସଫଳତା ପାଇବାକୁ ୨୪୩ଟି ଇନିଂସ୍ ଖେଳିବାକୁ ପଡ଼ିଥିଲା। କିନ୍ତୁ ରାହୁଲ ବିରାଟଙ୍କ ଠାରୁ ୧୯ଟି ଇନିଂସ୍ କମ୍ ଖେଳି ଏହି ଶଫଳତା ଅର୍ଜନ କରିଛନ୍ତି। ତେବେ ସାରା ବିଶ୍ୱରେ ଟି-୨୦ ଫର୍ମାଟ୍‌କୁ ଦେଖିଲେ ରାହୁଲ ଏହି ଫର୍ମାଟ୍‌ରେ ୮ ହଜାର ରନ୍ ପୂରା କରିଥିବା ବିଶ୍ୱର ତୃତୀୟ ଦ୍ରୁତତମ ବ୍ୟାଟର ହୋଇଛନ୍ତି। ରାହୁଲଙ୍କ ଆଗରେ କିମ୍ବଦନ୍ତୀ ବ୍ୟାଟର କ୍ରିସ୍ ଗେଲ୍ ଏବଂ ପୂର୍ବତନ ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ନାଁ ରହିଛି ।ଟି-୨୦ କ୍ରିକେଟରେ ଦ୍ରୁତତମ ୮୦୦୦ ରନ ପୂରା କରିଥିବା ବ୍ୟାଟରମାନେ ହେଲେ-୧. କ୍ରିସ୍ ଗେଲ୍ - ୨୧୩ ଇନିଂସ, ୨. ବାବର ଆଜମ୍ - ୨୧୮ ଇନିଂସ, ୩. କେଏଲ୍ ରାହୁଲ - ୨୨୪ ଇନିଂସ, ୪. ବିରାଟ କୋହଲି - ୨୪୩ ଇନିଂସ, ୫. ମହମ୍ମଦ ରିଜୱାନ୍ - ୨୪୪ ଇନିଂସ।



କେଏଲ ରାହୁଲ ଆଇପିଏଲ ୨୦୨୫ରେ ଦିଲ୍ଲୀ କ୍ୟାପିଟାଲ୍ସ ଡେବ୍ୟୁ କରିଥିବା ବେଳେ ଭଲ ଫର୍ମରେ ଅଛନ୍ତି ରବିବାର ଖେଳ ପୂର୍ବରୁ ୧୧ଟି ମ୍ୟାଚରେ, ରାହୁଲ ୫୦ରୁ ଅଧିକ ହାରରେ ଏବଂ ୧୪୨ ଷ୍ଟ୍ରାଇକ ରେଟ ସହ ୪୨୨ ରନ ସଂଗ୍ରହ କରିଥିଲେ। ରାହୁଲ ଦୀର୍ଘ ଦିନ ଧରି ଆଇପିଏଲ୍‌ରେ ଲଗାତର ପ୍ରଦର୍ଶନ କରି ଆସୁଥିବା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି। ୨୦୧୩ ରେ ଆଇପିଏଲ୍‌ରେ ଡେବ୍ୟୁ କରିବା ପରଠାରୁ, ସେ ୪୫ ର ଉଲ୍ଲେଖନୀୟ ହାରରେ ୫,୦୦୦ ରୁ ଅଧିକ ଆଇପିଏଲ୍ ରନ କରିଛନ୍ତି କର୍ଣ୍ଣାଟକର ଏହି ବ୍ୟାଟର ୨୦୧୩ରେ ଶିମୋଗାରେ ରାଜ୍ୟର ଦଳ ପାଇଁ ଟି-୨୦ ଡେବ୍ୟୁ କରିଥିଲେ। ଏହାର ୩ ବର୍ଷ ପରେ, ସେ ଭାରତ ପାଇଁ ଟି-୨୦ରେ ଡେବ୍ୟୁ କରିଥିଲେ । ରାହୁଲ ୭୨ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳି ୨୨୬୫ ରନ ସଂଗ୍ରହ କରିଛନ୍ତି ତେବେ ୨୦୨୨ ଟି-୨୦ ବିଶ୍ୱକପ୍ ପରଠାରୁ ତାଙ୍କୁ ଏହି ଫର୍ମାଟ୍ ଭାରତୀୟ ଦଳରେ ସ୍ଥାନ ମିଳି ନଥିଲା ଏମିତିକି ଭାରତର ୨୦୨୪ ଟି-୨୦ ବିଶ୍ୱକପ ବିଜୟୀ ଟିମ୍‌ରେ ମଧ୍ୟ ତାଙ୍କୁ ସ୍ଥାନ ମିଳି ନଥିଲା ।

# ଭଲିବଲ ଟୁର୍ଣ୍ଣାମେଣ୍ଟ: ପିପଲପଦର ଚାମ୍ପିୟନ

କର୍ଲାମୁଣ୍ଡା, ୧୯।୫: କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜ ଯୁବ ସଙ୍ଗଠନ ପକ୍ଷରୁ ରାତ୍ରିକାଳୀନ ଭଲିବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ସମ୍ମାନିତ ଅତିଥି ଭାବେ ରିଞ୍ଜା ସରପଞ୍ଚ ପୂର୍ଣ୍ଣମୀ ମାଝୀ, ଓଡିଶା ଆଦର୍ଶ ବିଦ୍ୟାଳୟ ରାଜ୍ୟ ସଭାପତି ରିପୁ ଦମନ ସୌରଭ ମିଶ୍ର, କର୍ଲାମୁଣ୍ଡା କ ଜୋନ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ ଖ ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଭାଜପା ନେତା ଗଣେଶ କୁମାର, କ ଜୋନ ମଣ୍ଡଳ ସଭାପତି ଡୋଳାମଣୀ ଭୋଇ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚଟି କର୍ଲାମୁଣ୍ଡା ଓ କେସିଙ୍ଗା ବ୍ଲକ ପିପଲପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ପିପଲପଦର ଚମ୍ପିୟାନ ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା।

ଖେଳ ପରିଚାଳନାରେ ହୀରାମଣୀ ଭୋଇ ଓ ପୁଲକ ଷଡଙ୍ଗୀ ରହିଥିବା ବେଳେ ଉଦଘୋଷକ ଯଶପାଲ ସାହୁ,ହେମାନନ୍ଦ ସାହୁ ଓ ସ୍କୋରର ଭାବେ ସୁମନ୍ତ ସାହୁ ଦାୟିତ୍ୱ ନେଇଥିଲେ। ଏଥିରେ କଳାହାଣ୍ଡି ଜିଲାର ମ.ରାମପୁର, କେସିଙ୍ଗା, ନର୍ଲା, କର୍ଲାମୁଣ୍ଡା ବ୍ଲକର ୧୦ଟି ଦଳ ଅଂଶ ଗ୍ରହଣ କରିଥିଲେ ରିଞ୍ଜା ଯୁବ ସଂଗଠନର ସମସ୍ତ କର୍ମକର୍ତ୍ତା, ଗ୍ରାମବାସୀ ଆୟୋଜନରେ ସହଯୋଗ କରିଥିଲେ।

# ନିର୍ଲଜ୍ଜତାର ସମସ୍ତ ସୀମା ପାର କଲେ ଶାହିଦ ଆଫ୍ରିଦି

ନୂଆଦିଲ୍ଲୀ, ୧୯।୦୫: ପାକିସ୍ତାନରେ ଭାରତର ଏୟାର ଷ୍ଟ୍ରାଇକ୍ ପରେ ପାକିସ୍ତାନରେ ହାହାକାର । ସବୁଠାରୁ ଅଧିକ ଦୁଃଖିତ ଯଦି କେହି ଅଛନ୍ତି, ତେବେ ସେ ହେଉଛନ୍ତି ଶାହିଦ ଆଫ୍ରିଦି ।ନିରନ୍ତର ମିଛ ଓ ଅପପ୍ରଚାର କରୁଥିବା ଆଫ୍ରିଦିଙ୍କର ଆଉ ଏକ ଭିଡିଓ ସାମ୍ନାକୁ ଆସିଛି ।ଏଥିରେ ସେ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କୁ ଚୁମ୍ବନ କରୁଥିବାର ଦେଖାଯାଉଛି ।

ସେ ଏହା ମଧ୍ୟ କହିଥିଲେ ଯେ ତୁମେ ଶତ୍ରୁକୁ ଏକ ଭଲ ଶିକ୍ଷା ଦେଇଛ। ଏହି ଭାଇରାଲ ଭିଡିଓଟି ଦେଖିବା ପରେ ଯେକେହି ହସିବେ। କାରଣ ଭାରତଠାରୁ ଅପମାନ ପାଇବା ପରେ ବି ପାକିସ୍ତାନ ଉତ୍ସବ ପାଳନ କରୁଛି। ଆପଣଙ୍କୁ କହି ରଖୁଛୁ ଯେ ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦି ଓ ଦ୍ରୁତ ବୋଲର ସୋଏବ ଅଖତର ନିକଟରେ ଅସୀମ ମୁନିରଙ୍କୁ ଭେଟିଥିଲେ । ତାଙ୍କୁ ଭେଟିବା ମାତ୍ରେ ଉଭୟ ପୂର୍ବତନ ଖେଳାଳି ତାଙ୍କୁ ଆଲିଙ୍ଗନ କରିଥିଲେ। ଏହା ପରେ ଶାହିଦ ଏବଂ ସୋଏବ ମଧ୍ୟ ମୁନିରଙ୍କୁ ଚୁମ୍ବନ ଦେଇଥିଲେ।



ଶାହିଦ ଆଫ୍ରିଦି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ମଧ୍ୟ ଭେଟିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ହୋଇଥିବା ଏହି ବୈଠକ ପରେ ଆଫ୍ରିଦି କହିଛନ୍ତି ଯେ ଏହି ସଙ୍କଟ ସମୟରେ ସମଗ୍ର ଦେଶ ଏକାଠି ଛିଡ଼ା ହୋଇଛି ।ସେ ଶତ୍ରୁକୁ ଉପଯୁକ୍ତ ଜବାବ ଦେଲେ। ଶାହବାଜ ଆଫ୍ରିଦିଙ୍କୁ ଧନ୍ୟବାଦ ଜଣାଇଥିଲେ। ଭାରତ-ପାକିସ୍ତାନ ଯୁଦ୍ଧବିରତି ପରେ ଆଫ୍ରିଦି ଏକ ରାଲିର ଆୟୋଜନ କରିଥିଲେ। ଯାହା ପରେ ତାଙ୍କୁ ବହୁତ ପରିହାସର ଶିକାର ହେବାକୁ ପଡିଥିଲା। କାରଣ ସେ ଭାରତଠାରୁ ହାରିବା ପରେ ମଧ୍ୟ ଉତ୍ସବ ପାଳନ କରୁଥିଲେ।

ଏହି ରାଲି ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ ୨୨ ଏପ୍ରିଲରେ ପହଲଗାମରେ ଏକ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଯେଉଁଥିରେ ଆତଙ୍କବାଦୀମାନେ ୨୬ ଜଣଙ୍କୁ ହତ୍ୟା କରିଥିଲେ। ଏହା ସମଗ୍ର ଦେଶରେ ପାକିସ୍ତାନ ବିରୁଦ୍ଧରେ କ୍ରୋଧ ସୃଷ୍ଟି କରିଥିଲା। କାରଣ ଏହି ଆକ୍ରମଣର ଷଡ଼ଯନ୍ତ୍ର ସେଠାରୁ ରଚିତ ହୋଇଥିଲା ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲା, ଯେଉଁଥିରେ ସେମାନେ ପାକିସ୍ତାନରେ ଥିବା ନଅଟି ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଥିଲେ। ଏହା ପରେ, ପାକିସ୍ତାନୀ ସେନା ଆକ୍ରମଣ ଆରମ୍ଭ କରିଦେଲା ସେମାନେ ସୀମାରେ ଲଗାତାର ଗୁଳିଚାଳନା କରିଥିଲେ ଏବଂ ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ କରିଥିଲେ ଯାହାକୁ ଭାରତୀୟ ସେନା ଖସାଇ ଦେଇଥିଲା। ମେ ୧୦ ତାରିଖରେ ଉଭୟଙ୍କ ମଧ୍ୟରେ ଯୁଦ୍ଧବିରତି ହୋଇଥିଲା। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ସମୟରେ ଏବଂ ଯୁଦ୍ଧବିରତି ପରେ ମଧ୍ୟ, ଶାହିଦ ଆଫ୍ରିଦି ଭାରତ ବିରୁଦ୍ଧରେ ବିଷ ଓଗାଳି ଚାଲିଥିଲେ। ପହଲଗାମ ଆକ୍ରମଣ ପରେ ମଧ୍ୟ ସେ ଭାରତୀୟ ସେନା ବିଷୟରେ ଏକ ବିବାଦୀୟ ବୟାନ ଦେଇଥିଲେ। ଭାରତ ସରକାର ଆଫ୍ରିଦିଙ୍କ ସମେତ ଅନେକ ପାକିସ୍ତାନୀ କ୍ରିକେଟରଙ୍କ ୟୁଟ୍ୟୁବ୍ ଏବଂ ସୋସିଆଲ ମିଡିଆକୁ ନିଷିଦ୍ଧ କରିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ